## ସଂକ୍ଷେପରେ

### ଷ୍ଟେଶନ୍‌ରେ ପଞ୍ଜୀକରଣ ଆରମ୍ଭ

ଅନୁଗୋଳ ଅଫିସ୍, ୧୮।୩- ଅନୁଗୋଳ ରେଳ ଷ୍ଟେଶନ୍‌ରେ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ପଞ୍ଜୀକରଣ କରାଯାଇଛି। ବାହାର ରାଜ୍ୟରୁ ଆସୁଥିବା ଲୋକଙ୍କ ନାମ, ଫୋନ୍ ନମ୍ବର, ବୟସ, ଠିକଣା ଯାଞ୍ଚ କରାଯାଇଥିବା ସୂଚନା ମିଳିଛି। ସେହିପରି ଅନୁଗୋଳ ସହର ଉପକଣ୍ଠରେ ଥିବା କୁଶାସିଂହାରେ ବୁଧବାର ଦୋଳମେଲଣ ଅନୁଗୋଳ ପୋଲିସ ପକ୍ଷରୁ ବନ୍ଦ କରାଯାଇଛି। କୁଶାସିଂହାରେ ଦୋଳ ମେଲଣ ପାଇଁ ପ୍ରସ୍ତୁତି ଚାଲିଥିବାବେଳେ ଅନୁଗୋଳ ପୋଲିସ ପହଞ୍ଚି ଏହାକୁ ବନ୍ଦ କରିଥିଲା।

### ହାଟ ଖୋଲିବାକୁ ନେଇ ଦ୍ୱନ୍ଦ୍ୱ

ଅନୁଗୋଳ ଅଫିସ୍, ୧୮।୩- ଅନୁଗୋଳ ସହରର ଆରଏମ୍‌ସିରେ ହେଉଥିବା ସାପ୍ତାହିକ ହାଟ ବନ୍ଦ ହେବ ନାହିଁ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ହାଟ ଚାଲିବା ସମୟରେ ମାଇକରେ ପ୍ରଚାର କରାଯିବ। ଲୋକମାନେ ସାମଗ୍ରୀ କିଣିଲା ବେଳେ ଦୂରତା ବଜାୟ ରଖିବାକୁ ସେ ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷରେ ହାଟ ଖୋଲାଯିବନି ବୋଲି ଅନୁଗୋଳ ଏସ୍‌ପି କହିଛନ୍ତି। ଫଳରେ ହାଟ ଖୋଲିବାକୁ ନେଇ ଦ୍ୱନ୍ଦ୍ୱ ଦେଖାଦେଇଛି।

### ପିଡ଼ି ସାମାଜିକ ପୃଥକୀକରଣ ଅଧିକାରୀ

ଅନୁଗୋଳ ଅଫିସ୍,୧୮।୩- ଅନୁଗୋଳ ଜିଲାରେ କରୋନା ମୁକାବିଲା ପାଇଁ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ସଂସ୍ଥାର ନିର୍ଦ୍ଦେଶକ(ପିଡି) ଅତୁଲ୍ୟ କୁମାର ଚମ୍ପତିରାୟଙ୍କୁ ସାମାଜିକ ପୃଥକୀକରଣ ନୋଡ଼ାଲ ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଛି। ତାଙ୍କୁ ସହଯୋଗ କରିବାକୁ ଡେପୁଟି କଲେକ୍ଟର ସୋଫି ସାଇନିକା ଓ ନିଜାରତ ରଞ୍ଜନ ମହାନ୍ତିଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି।

### ବନ୍ଦ ହେଲା ଦନ୍ତ ଚିକିତ୍ସାଳୟ

ଅନୁଗୋଳ ଅଫିସ୍,୧୮।୩- ଅନୁଗୋଳ ସହରରେ ଖୋଲିଥିବା ଘରୋଇ ଦନ୍ତ ଚିକିତ୍ସାକେନ୍ଦ୍ରଗୁଡ଼ିକ ବନ୍ଦ କରାଯାଇଛି। କରୋନା ପାଇଁ ଦନ୍ତ ଚିକିତ୍ସାକେନ୍ଦ୍ରକୁ ବନ୍ଦ କରାଯାଇଥିବା ଡେଣ୍ଟାଲ ଆସୋସିଏଶନ୍ ଅଫ ଇଣ୍ଡିଆର ଅନୁଗୋଳ ଶାଖାର କାର୍ଯ୍ୟକାରୀ ସଦସ୍ୟ ଶଶାଙ୍କ ବେହେରା ସୂଚନା ଦେଇଛନ୍ତି। କରୋନା ପାଇଁ ଘରୋଇ ଦନ୍ତ ଚିକିତ୍ସାଳୟରେ ଆନୁଷଙ୍ଗିକ ବ୍ୟବସ୍ଥା ନ ଥିବାରୁ ଏହି ସେବାକୁ ବନ୍ଦ କରାଯାଇଛି। ରୋଗୀମାନେ ସରକାରୀ ଡାକ୍ତରଖାନାରେ ଚିକିତ୍ସା ହେବାକୁ ସେ କହିଛନ୍ତି।

### ଜଳିଗଲା ୩ ବଖରା

ବଡ଼ସାହି,୧୮।୩(ସ୍ୱ.ପ୍ର)- ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଧୀନ ଖାନୁଆ ପଞ୍ଚାୟତ ହାତୀବନ୍ଧା ଗ୍ରାମର ବଳରାମ ବାସ୍କେଙ୍କ ଘରେ ବୁଧବାର ପୂର୍ବାହ୍ନରେ ନିଆଁ ଲାଗି ୩ ବଖରା ପୋଡ଼ି ପାଉଁଶ ହୋଇଯାଇଛି। ବଳରାମଙ୍କ ପତ୍ନୀ ରୋଷେଇ କରୁଥିବା ସମୟରେ ଅସାବଧାନତା ଯୋଗୁ ଚୁଲି ନିଆଁରୁ ଏହି ଅଗ୍ନିକାଣ୍ଡ ଘଟିଥିଲା। ଖବରପାଇ ଦମକଳ ବାହିନୀ ପହଞ୍ଚିବା ପୂର୍ବରୁ ଘରର ଆସବାବପତ୍ର, ଧାନ, ଚାଉଳ ଓ ଆବଶ୍ୟକ କାଗଜପତ୍ର ଆଦି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡିଯାଇଥିଲା।

# ବିଦେଶ ଫେରନ୍ତାଙ୍କ ତଥ୍ୟ ସଂଗ୍ରହ



- କରୋନା ମୁକାବିଲା ପାଇଁ ପ୍ରଶାସନ ତତ୍ପର
- ଗହଳି ହଟାଉଛି ପୋଲିସ
- ପଞ୍ଚାୟତରେ ମେଡିକାଲ କ୍ୟାମ୍ପ

**ଅନୁଗୋଳ ଅଫିସ୍, ୧୮।୩**

ଅନୁଗୋଳ ଜିଲାରେ କରୋନା ମୁକାବିଲା କରିବାକୁ ଜିଲା ପ୍ରଶାସନ ତତ୍ପର ହୋଇଛି। ବୁଧବାର ମୁଖ୍ୟ ଶାସନ ସଚିବଙ୍କ ସହ ଭିଡ଼ିଓ କନଫରେନ୍ସ ସରିବା ପରେ ଅଧିକାରୀମାନେ ସଜାଗ ରହିଛନ୍ତି। ବିଦେଶ ତଥା ଆକ୍ରାନ୍ତ ରାଜ୍ୟ ଫେରନ୍ତାଙ୍କ ଉପରେ ବିଶେଷ ଭାବେ ନଜର ରଖାଯାଇଛି। ସେମାନଙ୍କ ବିଷୟରେ ସମସ୍ତ ତଥ୍ୟ ସଂଗ୍ରହ କରାଯାଇ ଜିଲାପାଳଙ୍କୁ ପ୍ରଦାନ କରାଯାଉଛି। ଅନ୍ୟପକ୍ଷରେ ଗୋଟିଏ ସ୍ଥାନରେ ଗହଳି କରୁଥିବା ଲୋକଙ୍କୁ ପୋଲିସ ଘଉଡାଉଥିବା ଦେଖିବାକୁ ମିଳିଛି।

ଯେଉଁମାନେ ବିଦେଶରୁ ଫେରିଛନ୍ତି, ସେମାନଙ୍କୁ ନିଜ ଘରେ ଆଇସୋଲେଶନ୍ ଗୃହରେ ରଖିବାକୁ ପରାମର୍ଶ ଦିଆଯାଇଛି। ସେମାନଙ୍କର ନାମ, ବୟସ, ଠିକଣା ଓ କେଉଁ ଦେଶରୁ କେବେ ଫେରିଛନ୍ତି, ତାହାର ହିସାବ ମଧ୍ୟ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ରାଜ୍ୟ ବାହାରୁ ଆସୁଥିବା ଲୋକଙ୍କ ପାଇଁ ସମାନ ବ୍ୟବସ୍ଥା କରାଯାଉଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଜିଲାର ହିତାଧିକାରୀଙ୍କୁ ଅଗ୍ରୀମ ୩ ମାସର ଭତ୍ତା ପ୍ରଦାନ କରାଯିବାକୁ ନିର୍ଦ୍ଦେଶ ରହିଛି। ସେହିପରି ୩ରୁ ୬ ବର୍ଷ ବୟସର ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ଖାଦ୍ୟ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାମାନେ ସେମାନଙ୍କ ଘରେ ନେଇ ପହଞ୍ଚାଇବାକୁ କୁହାଯାଇଛି। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍‌ରେ ଅନ୍ତର୍ଭୁକ୍ତ ଥିବା ହିତାଧିକାରୀ ଓ ରାଶନ ଉପଭୋକ୍ତାଙ୍କ ପାଇଁ ଆଗାମୀ ୩ ମାସ ପର୍ଯ୍ୟନ୍ତ ଚାଉଳ, ଗହମ ଓ କିରୋସିନ ଯୋଗାଇ ଦିଆଯିବାର ବ୍ୟବସ୍ଥା ଜିଲାରେ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ପ୍ରତି ପଞ୍ଚାୟତରେ ମେଡିକାଲ କ୍ୟାମ୍ପ ଖୋଲାଯିବାର ବ୍ୟବସ୍ଥା କରାଯାଇଛି। ଏହି କ୍ୟାମ୍ପକୁ ଜଣେ ସୁପରଭାଇଜର, ଏଏନ୍‌ଏମ୍ ଓ ଆଶା କର୍ମୀମାନେ ପରିଚାଳନା କରିବେ। ଏଠାରେ ଲୋକଙ୍କ ପାଇଁ ଅତ୍ୟାବଶ୍ୟକ ଔଷଧ ରଖାଯିବାର ବ୍ୟବସ୍ଥା କରାଯିବ। ଯଦି କୌଣସି ଲୋକଙ୍କ ଅଧିକ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦିଏ, ସେମାନଙ୍କୁ ନିକଟସ୍ଥ ମେଡିକାଲ ନଚେତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯିବ ବୋଲି କୁହାଯାଇଛି।

## କ୍ୱାରାଣ୍ଟାଇନରେ ୨୧ ଜଣ

**ଅନୁଗୋଳ ଅଫିସ୍, ୧୮।୩**

ବାହାର ରାଜ୍ୟ ତଥା ଦେଶରୁ ଅନୁଗୋଳକୁ ଫେରିଥିବା ମୋଟ ୨୧ ଜଣଙ୍କୁ କ୍ୱାରାଣ୍ଟାଇନରେ ରଖାଯାଇଛି। ଏ ନେଇ ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତି ସୂଚନା ଦେଇଛନ୍ତି। ସେହିପରି ଏବେ ସୁଦ୍ଧା କେବଳ ଅନୁଗୋଳ ସହରକୁ ୭ ଜଣ ବିଦେଶରୁ ଫେରିଥିବା ସୂଚନା ମିଳିଛି। ଏଥିସହ ୧୨ ଜଣ ଫଳ ବ୍ୟବସାୟୀ ବନାରସରୁ ସହରକୁ ଆସିଥିବା ଜଣାପଡିଛି। ଅନୁଗୋଳରୁ ଉଜ୍‌ବେକିସ୍ତାନର ରାଜଧାନୀ ତାସକେଣ୍ଟ ଯାଇଥିବା ୫ ଜଣ ସହରକୁ ଫେରିଛନ୍ତି। ଅନ୍ୟ ଦୁଇ ଜଣ ୪ ତାରିଖରେ ଫିନଲାଣ୍ଡ ଓ ନାଇଜେରିଆରୁ ଆସି ସହରରେ ପହଞ୍ଚିଥିବା ଜଣାପଡିଛି। ବିଦେଶ ଓ ରାଜ୍ୟ ବାହାରୁ ସହରକୁ ଫେରିଥିବା ଏହି ୧୯ ଜଣଙ୍କୁ ନିଜ ଘରେ ଅଲଗା ରହିବାକୁ ପରମର୍ଶ ଦିଆଯାଇଛି। ଏଥିସହ ସେମାନଙ୍କ ଉପରେ ପୌରପାଳିକା ପକ୍ଷରୁ ସ୍ୱତନ୍ତ୍ର ଦୃଷ୍ଟି ରଖାଯାଇଥିବା କୁହାଯାଇଛି। ତେବେ ବିଦେଶ ଓ ରାଜ୍ୟ ବାହାରୁ ଆସିଥିବା କୌଣସି ଲୋକଙ୍କ ଠାରେ କରୋନା ସଂକ୍ରମଣ ଲକ୍ଷଣ ଦେଖାଯାଇ ନ ଥିବା ସୂଚନା ମିଳିଛି। ହେମସୁରପଡ଼ାର ଜଣେ ଯୁବକ ଚେନ୍ନାଇରୁ ଆସିଥିବାବେଳେ ତାଙ୍କର କୌଣସି ପତ୍ତା ମିଳୁ ନ ଥିବା ଜଣାପଡିଛି।

# ଖୋଲିବ ୨୩୫ କ୍ୱାରାଣ୍ଟାଇନ୍ ହୋମ୍



ସହରରେ ଖୋଲାଯାଇଥିବା କ୍ୱାରାଣ୍ଟାଇନ୍ ଗୃହ।

**ଅନୁଗୋଳ ଅଫିସ୍, ୧୮।୩**

କରୋନା ସନ୍ଦିଗ୍ଧଙ୍କ ନିମନ୍ତେ ପ୍ରତି ଜିଲାରେ ପଞ୍ଚାୟତ ଓ ସଦର ମହକୁମାର ବିଦ୍ୟାଳୟଗୁଡ଼ିକରେ କ୍ୱାରାଣ୍ଟାଇନ୍ ହୋମ ଖୋଲିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ଅନୁଗୋଳରେ ମୋଟ୍ ୨୩୫ଟି କ୍ୱାରାଣ୍ଟାଇନ୍ ହୋମ ଖୋଲିବ ବୋଲି ଜିଲାପାଳ ମନୋଜ କୁମାର ମହାନ୍ତି ସୂଚନା ଦେଇଛନ୍ତି। ଅନୁଗୋଳ ଜିଲାରେ ଥିବା ୨୨୫ଟି ପଞ୍ଚାୟତର ଗୋଟିଏ ଲେଖାଏଁ ସ୍କୁଲରେ କ୍ୱାରାଣ୍ଟାଇନ୍ ହୋମ୍ ଖୋଲିବାକୁ ଥିବାବେଳେ ପ୍ରତି ସହରାଞ୍ଚଳରେ ୨ରୁ ୩ଟି ଲେଖାଏଁ ହୋମ୍ ଖୋଲିବାକୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ପ୍ରତି ପଞ୍ଚାୟତରେ ଶହେ ଲୋକ ରହିବା ଭଳି ବିଦ୍ୟାଳୟରେ ଏହି ହୋମ ଖୋଲିବା ସାଙ୍ଗକୁ ବିଦ୍ୟୁତ, ପାନୀୟ ଜଳ, ଖାଦ୍ୟ ଓ ଶୌଚାଳୟର ବ୍ୟବସ୍ଥା କରାଯିବ। ସେହିପରି ଅନୁଗୋଳ ସହରରେ ମଧ ଏହି ଗୃହ ଖୋଲିଛି। ପ୍ରଥମେ ଆଦର୍ଶ ବିଦ୍ୟାଳୟରେ ୩ ଶହ, ଅନୁଗୋଳ ବାଳିକା ଉଚ୍ଚ ବିଦ୍ୟାଳୟରେ ଶହେ ଓ ଅନୁଗୋଳ ଟାଉନ୍ ହାଇସ୍କୁଲରେ ଶହେ ଜଣ ରହିବା ଭଳି ହୋମ୍ ଖୋଲାଯିବ। ବିଦେଶ କିମ୍ବା ରାଜ୍ୟ ବାହାରୁ ଆସୁଥିବା ଲୋକଙ୍କ ଘରେ ସୁବିଧା ନ ଥିଲେ ଏହି କ୍ୱାରାଣ୍ଟାଇନ୍ ହଲରେ ୧୪ ଦିନ ରହିବା ପରେ ତାଙ୍କ ଘରକୁ ଛଡ଼ାଯିବ ବୋଲି ସୂଚନା ଦିଆଯାଇଛି। ଯଦି ଏହି ଗୃହରେ ରହିବା ସମୟରେ କିଛି କରୋନାର ଲକ୍ଷଣ ଦେଖାଦିଏ, ତେବେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଖୋଲିଥିବା ଆଇସୋଲେଶନ୍ ୱାର୍ଡ଼ରେ ରଖାଯିବାର ବ୍ୟବସ୍ଥା କରାଯାଇଛି।

# ସଫାସୁତୁରା ରହିବାକୁ ପରାମର୍ଶ


ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀମାନେ।

**କଣିହାଁ,୧୮।୩(ଡି.ଏନ.ଏ.)**

କଣିହାଁ ବ୍ଲକ ପବିତ୍ରମୋହନ ସଭାଗୃହରେ ବୁଧବାର କାର୍ଯ୍ୟସ୍ଥଳୀରେ କରୋନା ସଂକ୍ରମଣ ପ୍ରତିରୋଧ ଉପରେ କଣିହାଁ ବିଡିଓ ରମେଶ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲା। କାର୍ଯ୍ୟସ୍ଥଳୀରେ ସମସ୍ତେ ପରିଷ୍କାର ପରିଚ୍ଛନ୍ନ ରହବାକୁ ପରାମର୍ଶ ଦିଆଯାଇଥିଲା। ସେହିପରି ବିଦେଶ କିମ୍ବା ବାହାର ରାଜ୍ୟରୁ ଆସୁଥିବା ବ୍ୟକ୍ତିମାନଙ୍କ ଉପରେ ନଜର ରଖି ପ୍ରଶାସନକୁ ଅବଗତ କରାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସ୍ୱତନ୍ତ୍ର ଅତିଥି ଭାବେ କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ଅଧିକାରୀ ସୁମନ୍ତ କୁମାର ପଟେଲ ଯୋଗଦେଇ କରୋନାର ଲକ୍ଷଣ ଓ ନିରାକରଣ ଉପରେ ମତବ୍ୟକ୍ତ କରିଥିଲେ। କଣିହାଁ ବ୍ଲକ ଅଧକ୍ଷା ନମିତା ସାହୁ, ତହସିଲଦାର ରବୀନ୍ଦ୍ର ସାମଲ, ଉପାଧକ୍ଷ ତ୍ରିପୁରାରୀ ପ୍ରଧାନ, ଏବିଡିଓ ବିଜୟ ମେହେର, ଜିପିଓ ଜୟଶ୍ରୀ ନାୟକଙ୍କ ସମେତ ପୋଲିସ, ପଞ୍ଚାୟତସ୍ତରୀୟ ପ୍ରତିନିଧି ଓ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ।

## ଗୁଜବ ପ୍ରଚାର କରି ବନ୍ଧା ହେଲେ ଯୁବକ

**ତାଳଚେର,୧୮।୩(ନି.ପ୍ର):**

କରୋନା ଭାଇରସ ସଂକ୍ରମଣ ସମ୍ପର୍କରେ ଭୁଲ ତଥ୍ୟ ଓ ମିଥ୍ୟା ଖବର ସାମାଜିକ ଗଣମାଧ୍ୟମରେ ପ୍ରଚାର କରିବା ଅଭିଯୋଗରେ ଜଣଙ୍କୁ କଲିୟାରୀ ପୋଲିସ ମଙ୍ଗଳବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ତାଳଚେର ବ୍ଲକ ବଡସିଙ୍ଗଡା ଗ୍ରାମର ରିଙ୍କୁ କୁମାର ଓରଫ ଜୟକୃଷ୍ଣ ସାହୁ। ପୋଲିସ କହିଛି, ବଅଁରପାଳ ଥାନା ଅଞ୍ଚଳର ଜଣେ ଯୁବକ କରୋନାରେ ଆକ୍ରାନ୍ତ ହୋଇ ନୂଆଦିଲ୍ଲୀର ଏକ ହସ୍ପିଟାଲରେ ମୃତ୍ୟୁ ହୋଇଥିବା ନେଇ ଜୟକୃଷ୍ଣ ଫେସବୁକରେ ପ୍ରଚାର କରିଥିଲେ। କଲିୟାରୀ ପୋଲିସ ଘଟଣାର ଅନୁସନ୍ଧାନ କରିବା ସହ ଜୟକୃଷ୍ଣଙ୍କୁ ଗିରଫ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏ ନେଇ ନଂ. ୭୩/୨୦ ମାମଲା ରୁଜୁ ହୋଇଛି।



# ପଞ୍ଚାୟତ, ଷ୍ଟେଶନରେ ସଚେତନତା



**ବଇଣ୍ଡା,୧୮।୩(ଡି.ଏନ.ଏ.)**

କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତ ସଭାଗୃହ ପରିସରରେ ବୁଧବାର କରୋନା ଭାଇରସ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସରପଞ୍ଚ ଜଳଧର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବଇଣ୍ଡା ଆୟୁଷ ଡାକ୍ତର ସରୋଜ କୁମାର ନନ୍ଦ ଯୋଗଦେଇ କରୋନା ଭାଇରସ ସମ୍ପର୍କରେ ଉପସ୍ଥିତ ୱାର୍ଡସଭ୍ୟମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ ପଞ୍ଚାୟତ ପରିସରରେ ହାତଧୁଆ କାର୍ଯ୍ୟକ୍ରମ କରାଯାଇଥିଲା। ଅନ୍ୟତମ ଅତିଥି ଭାବେ ନାଏବ ସରପଞ୍ଚ ସୁରେଖା ବେହେରା ଯୋଗଦେଇଥିଲେ। ସେହିପରି ବଇଣ୍ଡା ରେଳଷ୍ଟେଶନ ପରିସରରେ ଫ୍ରେଣ୍ଡ୍ସ କ୍ଲବ, ବଇଣ୍ଡା ରେଲୱେ ଫାଣ୍ଡି ଓ ଅସହାୟ ସହାୟତା କମିଟି ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

# କଳାବଜାରି ରୋକିବାକୁ ସ୍କ୍ୱାଡ

**ଅନୁଗୋଳ ଅଫିସ୍, ୧୮।୩**

ଅନୁଗୋଳ ସହର ତଥା ଜିଲାରେ ବିଭିନ୍ନ ଅଞ୍ଚଳରେ କରୋନା ପାଇଁ ରାଶନ ଦୋକାନରେ ଅସାଧୁ ବ୍ୟବସାୟୀମାନେ ଚଢ଼ା ଦରରେ ସାମଗ୍ରୀ ବିକ୍ରି କରୁଥିବା ଅଭିଯୋଗ ହେଉଛି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଏକ ସ୍କ୍ୱାଡ ଗଠନ କରାଯାଇଛି। ଏହି ସ୍କ୍ୱାଡରେ ଆସିଷ୍ଟାଣ୍ଟ ଯୋଗାଣ ଅଧିକାରୀଙ୍କ ସହ ସପ୍ଲାଏ ଇନ୍ସପେକ୍ଟର ଓ ତହସିଲଦାର ସାମିଲ ଅଛନ୍ତି। ଯେଉଁଠାରେ ଚଢ଼ା ଦର ସମ୍ପର୍କରେ ସୂଚନା ମିଳିବ, ତୁରନ୍ତ ସମ୍ପୃକ୍ତ ବ୍ୟବସାୟୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପକ୍ଷରେ ରାତିରେ ବିଭିନ୍ନ ହୋଟେଲରେ ଖୋଲାଯାଇଥିବା ଆଇସୋଲେଶନ୍ ଗୃହଗୁଡ଼ିକୁ ତହସିଲଦାର, ପୌରନିର୍ବାହୀ ଅଧିକାରୀ ଓ ପୋଲିସ ଯାଞ୍ଚ କରିବେ ବୋଲି ଜଣାପଡିଛି। ଏଥିସହ ଜିଲାରେ ଥିବା ନର୍ସିଂହୋମ ଗୁଡ଼ିକରେ ଆଇସୋଲେଶନ୍ ୱାର୍ଡ଼ କରାଯାଇଛି କି ନାହିଁ ତାହା ମଧ ଉକ୍ତ ଟିମ୍ ଯାଞ୍ଚ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

## ନାଲକୋ ନଗରରେ କଟକଣା

**ବଅଁରପାଳ,୧୮।୩(ଡି.ଏନ.ଏ.)**

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ନାଲକୋ ନଗରରେ କଟକଣା ଜାରି ହୋଇଛି। ନାଲକୋ କଲୋନୀ କୋଅପରେଟିଭ ମାର୍କେଟରେ ପଡୁଥିବା ସମସ୍ତ ଦୋକାନ ବନ୍ଦ କରାଯାଇଛି। କୌଣସି ସ୍ଥାନରେ ଜନଗହଳି ନ କରିବା ପାଇଁ ଡାକବାଜି ଯନ୍ତ୍ର ମାଧ୍ୟମରେ ସଚେତନ କରାଯାଉଛି। ଷ୍ଟାଡିୟମ, ବିଭିନ୍ନ ପାର୍କ, ମନ୍ଦିର ସମେତ ବିଭିନ୍ନ କ୍ଲବ ଗୁଡିକରେ ମଧ୍ୟ କଟକଣା ଜାରି କରାଯାଇଥିବା ନାଲକୋ ଇଷ୍ଟେଟ ବିଭାଗ ଅଧିକାରୀ ମଣିରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ଖୋଲିବ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ


ବୈଠକରେ ଉପଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀମାନେ।

**ଆଠମଲ୍ଲିକ/ବଇଣ୍ଡା, ୧୮।୩(ଡି.ଏନ.ଏ.)**

ଆଠମଲ୍ଲିକ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ବୁଧବାର ଉପଖଣ୍ଡସ୍ତରୀୟ କରୋନା ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ଡ. ରଜନୀ ବିଶ୍ୱାଳ ଏଥିରେ ଅଧକ୍ଷତା କରିଥିଲେ। ଉପଖଣ୍ଡର ସମସ୍ତ ଡାକ୍ତରଖାନା, ବ୍ଲକ, ତହସିଲ, ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲିବା ପାଇଁ ବୈଠକରେ କୁହାଯାଇଥିଲା। ଉପଖଣ୍ଡ ଡାକ୍ତରଖାନାର ଅଧୀକ୍ଷକ ଡାକ୍ତର କସ୍ତୁରୀ ମିଶ୍ର, ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟ, କିଶୋରନଗର ବିଡିଓ ସୁଶ୍ରୀ ଅମୃତା ପ୍ରିୟମ୍ବଦା, ଆଠମଲ୍ଲିକ ତହସିଲଦାର ଡାକ୍ତର ସ୍ୱରୂପା ନନ୍ଦ ସାହୁ, କିଶୋରନଗର ତହସିଲଦାର ଡ. ଲକ୍ଷ୍ମୀ ପ୍ରସାଦ ସାହୁ, ଅତିରିକ୍ତ ତହସିଲଦାର, ସହକାରୀ ଜିଲାପାଳ, ଡାକ୍ତର ରାହୁଲ ଗର୍ଗ, ଡାକ୍ତର ପ୍ରିୟବ୍ରତ ଦାସ, ସିଡିପିଓ ତରଙ୍ଗିନି ମିର୍ଦ୍ଧା, ଏନ୍‌ଏସି ନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନା, ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ରମାରଞ୍ଜନ ତ୍ରିପାଠୀ, ସହକାରୀ ଜିଲା ମଙ୍ଗଳ ଅଧିକାରୀ ଶରତ ଚନ୍ଦ୍ର ବେହେରା ପ୍ରମୁଖଙ୍କ ସମେତ ପୋଲିସ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।

ଆଠମଲ୍ଲିକ ବ୍ଲକ ଆମ୍ବଶରମୁଣ୍ଡା ପଞ୍ଚାୟତ ପଥରଗୁମ୍ଫା, ବନ୍ଧଗାଁ ଗ୍ରାମକୁ କିଛିଦିନ ତଳେ ବାହାର ରାଜ୍ୟରୁ ଶ୍ରମିକ ଭାବେ କାର୍ଯ୍ୟ କରି ଫେରିଥିବା ବ୍ୟକ୍ତିମାନଙ୍କୁ ବୁଧବାର ଆଠମଲ୍ଲିକ ଉପଜିଲାପାଳ ଡ. ରଜନୀକାନ୍ତ ବିଶ୍ୱାଳ ଭେଟିଛନ୍ତି। ଏକ ପ୍ରଶାସନିକ ଟିମ ଉକ୍ତ ଗ୍ରାମକୁ ଯାଇ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପଚାରି ବୁଝିଥିଲେ। ଏଥିସହ ଗ୍ରାମବାସୀ ସଫା ସୁତରା ରହିବାକୁ ଉପଜିଲାପାଳ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଠମଲ୍ଲିକ ବିଡିଓ, ତହସିଲଦାର, ଆମ୍ବଶରମୁଣ୍ଡା ସରପଞ୍ଚ ମହେଶ୍ୱର ଦେହୁରି, ଠାକୁରଗଡ଼ ରାଜସ୍ୱ ନିରୀକ୍ଷକ ବିଶ୍ୱଜିତ ମୁଦୁଲି, ଠାକୁରଗଡ଼ ଆଇଆଇସି ଗବାକ୍ଷ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସାପ୍ତାହିକ ହାଟ ବନ୍ଦ

**ବନ୍ତଳା/ ବଇଣ୍ଡା, ୧୮।୩(ଡି.ଏନ.ଏ.)**

ବନ୍ତଳା ଥାନା ବନ୍ତଳା ସାପ୍ତାହିକ ହାଟକୁ ପୋଲିସ ପ୍ରଶାସନ ପକ୍ଷରୁ ବୁଧବାର ବନ୍ଦ କରାଯାଇଛି। ସକାଳେ ହାଟକୁ ଆସିଥିବା ସମସ୍ତ ଚାଷୀ ଓ ବେପାରୀମାନଙ୍କୁ ଫେରାଇ ଦିଆଯାଇଥିଲା। ଚାଷୀମାନେ ନିଜ ନିଜ ଗ୍ରାମରେ ପରିବା ବିକ୍ରି କରିବା ପାଇଁ ପୋଲିସ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ଫଳରେ ହାଟ ଶୂନଶାନ ହୋଇଯାଇଥିବା ଦେଖିବାକୁ ମିଳିଥିଲା। କରୋନା ସଂକ୍ରମଣରୁ ବର୍ତ୍ତିବା ପାଇଁ ସାଧାରଣ ଲୋକେ ସଚେତନ ହୋଇ ସେଠାରୁ ଫେରି ଯାଇଥିଲେ। ଆଠମଲ୍ଲିକ ବ୍ଲକର ପାଇକସାହି ଓ କୁର୍ତ୍ତିବାସପୁର ପଞ୍ଚାୟତର ଜରପଡା ହାଟକୁ ବୁଧବାର ପୋଲିସ ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇଛି।



# ସଂକ୍ରମଣ ରୋକିବାକୁ ବୈଠକ



ବୈଠକରେ ବିଡିଓଙ୍କ ସମେତ ଅନ୍ୟମାନେ।

**ଛେଣ୍ଡିପଦା,୧୮।୩(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ପ୍ରଶାସନ ପକ୍ଷରୁ କରୋନା ଭୂତାଣୁ ସଂକ୍ରମଣ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ବୁଧବାର ପୂର୍ବାହ୍ନରେ ବ୍ଲକ ସଭାଗୃହଠାରେ ପଞ୍ଚାୟତ ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ସୁନୀଲ କୁମାର କେରେକେଟାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବୈଠକରେ ବ୍ଲକ ଅଧକ୍ଷ ଅଶୋକ କୁମାର ପ୍ରଧାନ, ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ମହାମିଳନ ମୁର୍ମୁ, କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଧୀରେନ କୁମାର ପ୍ରଧାନ, ଛେଣ୍ଡିପଦା ବ୍ଲକ ଉପାଧକ୍ଷା ସୁଷମା ରାଉଳ ପ୍ରମୁଖ ଉପସ୍ଥିତ ଥିଲେ। କରୋନା ଭୂତାଣୁ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ସମସ୍ତଙ୍କୁ ସଚେତନ କରାଇବା, ଭାଇରସ୍ ଆକ୍ରାନ୍ତ ସନ୍ଦିଗ୍ଧଙ୍କୁ ଡାକ୍ତରଙ୍କ ପରାମର୍ଶ ନେବାକୁ ପ୍ରବର୍ତ୍ତାଇବା ପାଇଁ ୱାର୍ଡ ସଭ୍ୟ, ପଞ୍ଚାୟତ ପ୍ରତିନିଧି ଓ ଆଶାଦିଦିମାନଙ୍କୁ ପରାମର୍ଶ ଦିଆଯାଇଥିଲା। ସହକାରୀ ଯନ୍ତ୍ରୀ ଯାଦବାନନ୍ଦ ସାହୁ, ଜିଲା ପରିଷଦ ସଭ୍ୟ ଶ୍ରୀଧର ଗଡନାୟକ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଈଶ୍ୱର ଚନ୍ଦ୍ର ସାହୁ, ଜଳ ଓ ପରିମଳ ବିଭାଗ ଯନ୍ତ୍ରୀଙ୍କ ସମେତ ବ୍ଲକର ସମସ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ସରପଞ୍ଚ, ସମିତିସଭ୍ୟ ଓ ସରକାରୀ କର୍ମଚାରୀମାନେ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ବଳାତ୍କାରୀଙ୍କୁ ୭ ବର୍ଷ ଜେଲ

ତାଳଚେର,୧୮।୩(ନି.ପ୍ର.): ଏକ ବଳାତ୍କାର ମାମଲାର ବିଚାର କରି ତାଳଚେର ଅତିରିକ୍ତ ଜିଲା ଦୌରାଜଜ୍ ଅମୃତ ରଞ୍ଜନ ନନ୍ଦ ମଙ୍ଗଳବାର ଖମାର ଉପଖଣ୍ଡ ବଡ଼ଗୁଣ୍ଡୁ ଗ୍ରାମର ସାଲୁକା ବାଇପେଇଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏଥିସହ ତାଙ୍କୁ ୭ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୫ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ କରିଛନ୍ତି। ଜରିମାନା ଅନାଦାୟେ ସ୍ଥଳେ ୬ ମାସ ଅଧିକ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ମାମଲା ବିବରଣୀରୁ ପ୍ରକାଶ, ୧୭।୩।୨୦୧୬ରେ ସାଲୁକାଙ୍କ ନାମରେ ଏକ ବଳାତ୍କାର ଅଭିଯୋଗ ହୋଇଥିଲା। ଏ ନେଇ ଖମାର ଥାନାରେ ନଂ. ୨୦/୧୬ରେ ମାମଲା ରୁଜୁ ହୋଇଥିଲା। ସରକାରଙ୍କ ତରଫରୁ ଏହି ମାମଲାକୁ ନିର୍ମଳ କୁମାର ତ୍ରିପାଠୀ ଓ ନରେଶଚନ୍ଦ୍ର ନାଏକ ପରିଚାଳନା କରିଥିଲେ।

### ଉତ୍ସବ, କ୍ରୀଡ଼ା ବନ୍ଦ ନିଷ୍ପତ୍ତି

ଢେଙ୍କାନାଳ ଅଫିସ,୧୮।୩: କରୋନା ଭୂତାଣୁ ସଂକ୍ରମଣ ପ୍ରତିରୋଧ କରିବାକୁ ସହର ମଧ୍ୟରେ ବିଭିନ୍ନ ଉତ୍ସବ, କ୍ରୀଡ଼ା ପ୍ରତିଯୋଗିତା ଉପରେ କଟକଣା ଲାଗୁ କରାଯାଇଛି। ଶ୍ୟାମାଚରଣପୁରସ୍ଥିତ ସାଇ ଶ୍ରୀକ୍ଷେତ୍ରରେ ଆସନ୍ତା ୨୯ ଏବଂ ୩୦ ତାରିଖରେ ସାଇ ଗଣେଶ ଏବଂ ସାଇବାବାଙ୍କ ୯ମ ବାର୍ଷିକ ଉତ୍ସବ ପାଳନ କରିବାକୁ ନିଷ୍ପତ୍ତି ହୋଇଥିଲା। ତେବେ ଏହାକୁ ବନ୍ଦ ରଖିବାକୁ ମନ୍ଦିର ପରିଚାଳନା କମିଟି ନିଷ୍ପତ୍ତି ନେଇଛି। ଉକ୍ତ ଦିନ କେବଳ ବିଧି ଅନୁଯାୟୀ ପୂଜା କରିବାକୁ ସ୍ଥିର ହୋଇଛି। ସେହିପରି ଶ୍ରେୟା ଚେସ୍ ଏକାଡେମୀ ପକ୍ଷରୁ ମାର୍ଚ୍ଚ ୨୧ ଏବଂ ୨୨ରେ ଗୋପବନ୍ଧୁ ଟାଉନ୍ ହଲରେ ରାଜ୍ୟସ୍ତରୀୟ ୬ଷ୍ଠ ବସନ୍ତ ମେମୋରିଆଲ ଓପନ୍ ଚେସ୍ ପ୍ରତିଯୋଗିତାକୁ ଆସନ୍ତା ଏପ୍ରିଲ ୧୫ ଯାଏ ସ୍ଥଗିତ ରଖାଯାଇଥିବା ଏକାଡେମୀର ନିର୍ଦ୍ଦେଶିକା ସାଗରିକା ମିଶ୍ର ସୂଚନା ଦେଇଛନ୍ତି।

### ଅପପ୍ରଚାର କରି ଯୁବକ ଗିରଫ

ଢେଙ୍କାନାଳ ଅଫିସ, ୧୮।୩: କରୋନା ସମ୍ପର୍କରେ ସୋସିଆଲ ମିଡିଆରେ ଅପପ୍ରଚାର କରି ଗିରଫ ହୋଇଛନ୍ତି ଢେଙ୍କାନାଳ ଜିଲା ନିହାଲପ୍ରସାଦ ଥାନା ଖଙ୍କିରା ଗ୍ରାମର ତାପସ କୁମାର ବାରିକ। ତାଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି। ତାପସ ସୋସିଆଲ ମିଡିଆରେ ଜଣଙ୍କୁ କରୋନା ଆକ୍ରାନ୍ତ ହୋଇଥିବା ଦର୍ଶାଇଥିଲେ। ଏ ନେଇ ତାଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶରେ ତାପସଙ୍କ ବିରୋଧରେ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସ୍ଥାନୀୟ ଧରିତ୍ରୀ ପ୍ରତିନିଧି କିମ୍ବା ମୁଖ୍ୟକାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ବାଟ ଦେଖାଇଛି ତରଭୁଜ ଚାଷ

ଦିବ୍ୟଜ୍ୟୋତି ଦାସ
ପାଲଲହଡ଼ା, ୧୮।୩



ପାଠପଢ଼ା ସରିବା ପରେ ନ ଥିଲା ଚାକିରି ଆଶା। ଚାକିରି ଦୌଡ଼ରୁ ବାହାରି ଚାଷ ମୁହାଁ ହୋଇଥିଲେ। ଏଥିପାଇଁ ସାହାରା ଭାବେ ବାଛିଥିଲେ ଅନ୍ୟ ୪ ଜଣଙ୍କୁ। ୫ ଏକର ଜମିରୁ ଆରମ୍ଭ ହୋଇଥିବା ତରଭୁଜ ଫସଲ ଏବେ ପହଞ୍ଚିଛି ୧୫ ଏକରରେ। ରୋଜଗାର ସାଙ୍ଗକୁ ମିଳିଛି ପରିଚୟ। ଆଉ ଏହି ପରିଚୟ ହିଁ ଏବେ ସୁମନ ପ୍ରଧାନ ଏବଂ ତାଙ୍କ ସାଥୀ ଦିଲେଶ୍ୱର ସାହୁ, ଦୟାନିଧି ପ୍ରଧାନ, ବିଶିକେଶନ ସାହୁ, ବିନୋଦ ଚନ୍ଦ୍ର ସାହୁଙ୍କୁ ଅନ୍ୟମାନଙ୍କଠାରୁ କରିଛି ସ୍ୱତନ୍ତ୍ର। ନିଜ ଉଦ୍ୟମରେ ରୋଜଗାରକ୍ଷମ ହୋଇପାରିଥିବା ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ଅଧୀନ ଚଷାଗୁରୁଜାଙ୍ଗ ଗ୍ରାମର ସମ୍ପୃକ୍ତ ୫ଜଣ ଏବେ ଏବେ ଅନ୍ୟମାନଙ୍କ ପାଇଁ ପାଲଟିଛନ୍ତି ପ୍ରେରଣାର ଉତ୍ସ।

ଶିଳ୍ପସମୃଦ୍ଧ ଅନୁଗୋଳରେ କୌଣସି ଶିଳ୍ପ ସଂସ୍ଥାରେ କାମ ପାଇଁ ଚେଷ୍ଟା ନ କରି ନିଜ ଉଦ୍ୟମରେ ବର୍ଷ ତମାମ ତରଭୁଜ ଫସଲ କରୁଛନ୍ତି ସୁମନଙ୍କ ସମେତ ୫ ଚାଷୀ। ଏହାକୁ ଜିଲା ସମେତ ରାଜ୍ୟ ବାହାରକୁ ଚାଲାଣ କରି ଭଲ ଦୁଇ ପଇସା ରୋଜଗାର ହୋଇପାରୁଥିବା ସେମାନେ ପ୍ରକାଶ କରିଛନ୍ତି। ସୁମନଙ୍କ କହିବା ମୁତାବକ, ସେ ଗ୍ରାଜୁଏଶନ ଶେଷ କରିବା ପରେ ଘରେ ରହିଥିଲେ। ୨ ବର୍ଷ ତଳେ ଟିଭିରୁ ଏକ କୃଷି ଧର୍ମୀ କାର୍ଯ୍ୟକ୍ରମରୁ ତରଭୁଜ ଚାଷ ସମ୍ପର୍କରେ ଜାଣିବାକୁ ପାଇ ଏଥିପାଇଁ ମନ ବଳାଇଥିଲେ।

■୫ ଏକରରୁ ପହଞ୍ଚିଛି ୧୫ ଏକରରେ

■ବର୍ଷକୁ ୧୫ ଲକ୍ଷ ପର୍ଯ୍ୟନ୍ତ ରୋଜଗାର

■ଟିଭି ଦେଖି ଶିଖିଥିଲେ ଚାଷ କୌଶଳ



ସେ ଦିଲେଶ୍ୱର, ଦୟାନିଧି, ବିଶିକେଶନ ଓ ବିନୋଦଙ୍କ ସହ ମିଶି କିଛି କିଛି ଅର୍ଥ ଯୋଗାଡ଼ କରିଥିଲେ। ଗ୍ରାମର କିଛି ଲୋକଙ୍କ ପଡିଆ ଜମିକୁ ଭଡା ସୂତ୍ରରେ ନେଇ ଚାଷ ଆରମ୍ଭ କରିଥିଲେ। ପ୍ରଥମେ ୧ ଲକ୍ଷ ଟଙ୍କା ବିନିଯୋଗ କରି ୫ ଏକର ଜମିରେ ତରଭୁଜ ଚାଷ ଆରମ୍ଭ କରିଥିଲେ। ସେଥିରୁ ପାଖାପାଖି ୩ରୁ ୫ ଲକ୍ଷ ଟଙ୍କା ଆୟ ହୋଇଥିଲା। ପରେ ଏହାର କଳେବର ବଢାଇ ୧୫ ଏକର ଜମିରେ ତରଭୁଜ ଚାଷ କରୁଛନ୍ତି। ଏଥିରୁ ବର୍ଷକୁ ୧୨ ରୁ ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରୋଜଗାର ହୋଇପାରୁଥିବା ସେ ପ୍ରକାଶ କରିଛନ୍ତି। କଠିନ ପରିଶ୍ରମ ବଳରେ ଅଞ୍ଚଳର ସଫଳ ଚାଷୀ ହୋଇପାରିଥିବା ସୁମନ କହିଛନ୍ତି। କେବଳ ସେମାନେ ନୁହନ୍ତି ଏହାଦ୍ୱାରା ଅନେକ ଲୋକଙ୍କୁ ମଧ୍ୟ ରୋଜଗାରକ୍ଷମ କରାଇପାରିଥିବା ସେ ପ୍ରକାଶ କରିଛନ୍ତି। ହେଲେ କୃଷି ବିଭାଗ ସେମାନଙ୍କୁ ସହାୟତା ଯୋଗାଇ ଦେଲେ ଅଧିକ ଚାଷ ହେବା ସହ ଆହୁରି ଅନେକ ଲୋକ ଉପକୃତ ହୋଇପାରନ୍ତେ ବୋଲି ଚାଷୀମାନେ କହିଛନ୍ତି।

ଏ ସମ୍ପର୍କରେ ପାଲଲହଡା ଉପଖଣ୍ଡ କୃଷି ଅଧିକାରୀ ଚନ୍ଦ୍ରମୋହନ ପାତ୍ର କୁହନ୍ତି, ବର୍ତ୍ତମାନ ସୁଦ୍ଧା କୌଣସି ସହାୟତା ପାଇଁ ଆବେଦନ କରାଯାଇନାହିଁ। ଯଦି ସେହି ଚାଷୀମାନେ ଆବେଦନ କରନ୍ତି ବିଭାଗର ଗାଇଡ଼ ଲାଇନ ଅନୁଯାୟୀ ସାହାଯ୍ୟ ଯୋଗାଇ ଦିଆଯିବ। ଉଦ୍ୟାନ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ କୁଶ କୁମାର ଅଗ୍ରୱାଲା କୁହନ୍ତି, କେହି ମଧ୍ୟ ଆମଠାରେ ଯୋଗାଯୋଗ କରିନାହାନ୍ତି। ସରକାରଙ୍କର ଅନେକ ଯୋଜନା ଅଛି। ଏବେ ଏ ବାବଦରେ ଜାଣିବାକୁ ମିଳିଲା। କର୍ମଚାରୀଙ୍କୁ ପଠାଇ ସମ୍ପୃକ୍ତ ଚାଷୀଙ୍କୁ ସମସ୍ତ ପ୍ରକାର ସରକାରୀ ଅନୁଦାନ ପାଇଁ ଚେଷ୍ଟା କରାଯିବ।

### ଚାଷୀଙ୍କ ମୁହଁରୁ ..



"ପ୍ରଥମେ ମଜୁରି କରୁଥିଲୁ। ପରେ ଧାନ ଚାଷ କଲୁ। କିନ୍ତୁ ଏଥିରେ ମଧ୍ୟ ପରିବାର ଚଳାଇବା କଷ୍ଟକର ହେଉଥିଲା। ଶେଷରେ ତରଭୁଜ ଚାଷ ପାଇଁ ନିଷ୍ପତ୍ତି ନେଇଥିଲୁ। ଏଥିରୁ ଏବେ ଭଲ ୨ ପଇସା ରୋଜଗାର ହୋଇପାରୁଛି।

ଡିଲେଶ୍ୱର ପ୍ରଧାନ



"କଲେଜ ପଢା ସରିବା ପରେ ଚାକିରି ପାଇଁ ବହୁତ ଚେଷ୍ଟା କଲା ପରେ ବିଫଳ ହେଲି। ଦିନେ ଟିଭିରେ ତରଭୁଜ ଚାଷ ସମ୍ପର୍କରେ ଜାଣିବାକୁ ପାଇଲି। ଆର୍ଥିକ ସ୍ଥିତି ଭଲ ନ ଥିବାରୁ ଗାଁର କିଛି ଲୋକଙ୍କୁ କହିଲି। ସେମାନେ ମଧ୍ୟ ସହଯୋଗ କଲେ। ସେବେଠାରୁ ଆଉ ପଛକୁ ଚାହିଁନୁ।

ସୁମନ ପ୍ରଧାନ



"୩ ବର୍ଷ ତଳେ ନିଜ ଉଦ୍ୟମରେ ପାଞ୍ଚ ଜଣ ମିଶି ଚାଷ ଆରମ୍ଭ କରିଥିଲୁ। ହେଲେ ଦୁଃଖର କଥା ଆଜି ପର୍ଯ୍ୟନ୍ତ କୌଣସି ସରକାରୀ ସାହାଯ୍ୟ ମିଳିପାରିଲା ନାହିଁ। ଚାଷ ଉପକରଣ, ସାର, ବିହନ ସହ ନୂତନ ଜ୍ଞାନ କୌଶଳର ପ୍ରଶିକ୍ଷଣ ମିଳି ପାରିଲେ ଏହି ଚାଷ ଆହୁରି ଆଗକୁ ଯାଇପାରନ୍ତା।

ବିସିକେଶନ ସାହୁ

### ଛାତ୍ରୀନିବାସରେ ନାଗ

ବାରିପଦା ଅଫିସ, ୧୮।୩: ମୟୂରଭଞ୍ଜ ଜିଲା ଶ୍ୟାମାଖୁଣ୍ଟା ବ୍ଲକ ଅଧୀନ ଧନପୁରଠାରେ ଥିବା ଲାଲମୋହନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀନିବାସରୁ ବୁଧବାର ଏକ ୬ ଫୁଟର ନାଗସାପ ଉଦ୍ଧାର କରାଯାଇଛି। କରୋନା ଯୋଗୁ ବିଦ୍ୟାଳୟ ଛୁଟି ଥିବା ବେଳେ ଛାତ୍ରୀମାନେ ଛାତ୍ରୀନିବାସରେ ରହୁଥିଲେ। ଅପରାହ୍ନ ୨ଟା ସମୟରେ ଛାତ୍ରୀମାନେ ଝରକା ପଟେ ଏକ ସାପ ପଶିଥିବା ଦେଖି ପ୍ରଧାନଶିକ୍ଷକଙ୍କୁ ଖବର ଦେଇଥିଲେ। ପରେ ସ୍ନେକ ହେଲପ୍ ଲାଇନ୍ ସଦସ୍ୟ କୃଷ୍ଣଚନ୍ଦ୍ର ଗୋଛାୟତ ଛାତ୍ରୀନିବାସରେ ପହଞ୍ଚି ସାପକୁ ଉଦ୍ଧାର କରିଥିଲେ।

### ଯୁବକଙ୍କ ଆତ୍ମହତ୍ୟା

କୁଳିଅଣା,୧୮।୩(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ଚାନ୍ଦୁଆ ଥାନା ଅଧୀନ ଘୁଗୁରୀଲୁଟା ଗ୍ରାମର ଜଣେ ଯୁବକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ମାନସ ସାହୁ। ସୋମବାର ବିଳମ୍ବିତ ରାତିରେ ଘରଠାରୁ କିଛି ଦୂର କେଉଗୁଣୀମାରି କାଜୁ ଜଙ୍ଗଲର ଏକ ଗଛରେ ସେ ଆତ୍ମହତ୍ୟା କରିଥିବା ଦେଖି ସ୍ଥାନୀୟ ଲୋକେ ଥାନାକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା(ନଂ.୪/୨୦୨୦) ରୁଜୁ ହୋଇଛି।

## ବିପୁଳ ଶାଳକାଠ ଜବତ, ଜଣେ ଗିରଫ

ଢେଙ୍କାନାଳ ଅଫିସ, ୧୮।୩

**ଗ୍ରାମ୍ୟ ଜଙ୍ଗଲରେ ଚଢ଼ାଉ**



ଢେଙ୍କାନାଳ ସଦର ଥାନା ଗୋବିନ୍ଦପୁର ଫାଣ୍ଡି ଏବଂ ସଦର ରେଞ୍ଜ୍ ଅନ୍ତର୍ଗତ ତାଳବରକୋଟ ଗ୍ରାମ୍ୟ ଜଙ୍ଗଲରୁ ବୁଧବାର ବନ ବିଭାଗ ୧୦ଲକ୍ଷ ଟଙ୍କାର ଶାଳକାଠ ଜବତ କରିଛି। ଚୋରା କାଠ କାରବାର ଅଭିଯୋଗରେ ପ୍ରଶାନ୍ତ ସାହୁଙ୍କୁ ଗିରଫ କରାଯାଇଛି।

ଜଙ୍ଗଲରେ ବିପୁଳ ପରିମାଣର କାଠ କଟାଯାଇ ରଖାଯାଇଥିବା ସୂଚନା ପାଇ ସଦର ରେଞ୍ଜର ଧରିତ୍ରୀ ମୁର୍ମୁ, କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜର ବିଭୁଦାନନ୍ଦ ମିଶ୍ର, ସଦର ଡେପୁଟି ରେଞ୍ଜର ତରୁଣ କୁମାର ମହାନ୍ତି ସଦଳବଳ ଚଢ଼ାଉ କରିଥିଲେ। ଜବତ କାଠ ମଧ୍ୟରୁ ୭୦୦ ଘନଫୁଟ ଲଗ୍ ଏବଂ ୭୦ ଘନଫୁଟ ସାଇଜ୍ କାଠ। ସେଗୁଡ଼ିକୁ ଟ୍ରାକ୍ଟରରେ ସଦର ରେଞ୍ଜ୍ କାର୍ଯ୍ୟାଳୟକୁ ଅଣାଯାଇଛି।

ଏ ସମ୍ପର୍କରେ ରେଞ୍ଜର ଧରିତ୍ରୀ ମୁର୍ମୁ କୁହନ୍ତି, ଜଙ୍ଗଲରେ କାଠ କଟାଯାଇ ଗୋଟିଏ ସ୍ଥାନରେ ଜମା କରାଯାଇଥିଲା। ତଦନ୍ତ ପରେ ଜଣଙ୍କୁ ଗିରଫ କରାଯାଇଛି। ଆଗାମୀ ଦିନରେ ଏପରି ଚଢ଼ାଉ ଜାରି ରହିବ ବୋଲି ସେ ସୂଚନା ଦେଇଛନ୍ତି।

### ଦୁର୍ଘଟଣା ନେଲା ଜୀବନ

ଯଶିପୁର,୧୮।୩(ଡ଼ି.ଏନ୍.ଏ.)

ଯଶିପୁର ଥାନା ଅଧୀନ ଏକତାଳୀ ପଞ୍ଚାୟତର ବାଟେସାହି ଗ୍ରାମ ରାସ୍ତାରେ ବୁଧବାର ଏକ ଶଗଡ଼କୁ ଧକ୍କା ଦେଇ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରେ ଅନ୍ୟ ଜଣେ ବାଇକ୍ ଆରୋହୀ ଆହତ ହୋଇଛନ୍ତି। ମୃତକ ହେଲେ କଲେଇ ଡୁମ୍ବା ଗ୍ରାମର ପୀତାମ୍ବର ହାଁସଦା। ଠାକୁର ହାଁସଦାଙ୍କ ସହ ସେ ଏକ ବାଇକ୍‌ରେ ଘରକୁ ଫେରୁଥିବାବେଳେ ଏକ ଶଗଡ଼କୁ ଧକ୍କା ଦେଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ଯଶିପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ପୀତାମ୍ବରଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଆହତ ଠାକୁର ହାଁସଦାଙ୍କୁ କରଞ୍ଜିଆ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ନବବିବାହିତ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଭଦ୍ରକ ଅଫିସ/ ପଦ୍ମପୁର, ୧୮।୩ (ଡି.ଏନ.ଏ.)

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ସାହାଡ଼ା ରାଉତସାହି ଗାଁରେ ବାହାଘରର ୫ ଦିନ ପରେ ଜଣେ ନବବିବାହିତ ଯୁବକଙ୍କ ଝୁଲନ୍ତା ମୃତଦେହ ଏକ ଗଛରୁ ବୁଧବାର ଉଦ୍ଧାର କରାଯାଇଛି। ତାଙ୍କ ଭାଇକୁ କେହି ହତ୍ୟା କରିଥିବା ନେଇ ମୃତକଙ୍କ ବଡ଼ଭାଇ ଗ୍ରାମାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୧୯/୨୦) ରୁଜୁ କରି ତଦନ୍ତ ଚଳାଇଛି।

**ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ**

ମୃତକ ହେଲେ ସାହାଡ଼ା ରାଉତସାହି ଗାଁର ରାଜେନ୍ଦ୍ର ବେହେରା(୨୭)। ସେ କଲିକତାର ଏକ ଘରୋଇ କମ୍ପାନୀରେ ରୋଲର ଅପରେଟର୍ ଭାବେ କାମ କରୁଥିଲେ। ହୋଲି ପୂର୍ବରୁ ସେ ଗାଁକୁ ଆସିଥିଲେ। ଘର ଲୋକଙ୍କ ସହମତିରେ ଗତ ୧୩ ତାରିଖରେ ରାଣୀତାଲ ଚୋଡ଼ଙ୍ଗପୁର ଅଞ୍ଚଳର ଜଣେ ଯୁବତୀଙ୍କ ସହ ବୈଦିକ ରୀତିରେ ତାଙ୍କର ବାହାଘର ହୋଇଥିଲା। ବୁଧବାର ଭୋରରେ ଘର ବାଡ଼ିପଟ ଏକ ତେନ୍ତୁଳି ଗଛରେ ରାଜେନ୍ଦ୍ରଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ପାଇଥିଲେ ପରିବାର ଲୋକେ। ସେମାନେ ଗ୍ରାମବାସୀଙ୍କ ଉପସ୍ଥିତିରେ ରାଜେନ୍ଦ୍ରଙ୍କୁ ଓହ୍ଲାଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ରାଜେନ୍ଦ୍ରଙ୍କ ଭାଇ ସୁଦାମ ତାଙ୍କ ଭାଇକୁ ହତ୍ୟା କରାଯାଇଥିବା ନେଇ ଥାନାରେ ଏତଲା ଦେବା ପରେ ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ରାଜେନ୍ଦ୍ରଙ୍କ ବାଥ୍‌ରୁମରେ ରକ୍ତ ଛିଟା ପଡ଼ିଥିବା ଦେଖି ପୋଲିସ ସନ୍ଦେହ କରୁଛି। ସନ୍ଧ୍ୟାରେ ମୃତ ରାଜେନ୍ଦ୍ରଙ୍କ ସ୍ତ୍ରୀଙ୍କୁ ଘଟଣା ସମ୍ପର୍କରେ ପଚରାଉଚୁରା କରିବା ସହ ତାଙ୍କ ମୋବାଇଲକୁ ଆସିଥିବା କଲ୍ ଡିଟେଲ୍ସ ଯାଞ୍ଚ କରାଯାଇଛି। ଏହାପରେ ତାଙ୍କୁ ସ୍ୱଳ୍ପ ରହଣୀ କେନ୍ଦ୍ରରେ ରଖାଯାଇଛି। ତଦନ୍ତ ଓ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ଥାନାଧିକାରୀ ପ୍ରଭାଂଶୁ ମିଶ୍ର କହିଛନ୍ତି।



ମୃତ ରାଜେନ୍ଦ୍ରଙ୍କ ଫାଇଲ ଫଟୋ।

## ଏଟିଏମ୍‌ରେ ଜାଲ୍ ନୋଟ ଭର୍ତ୍ତି ଅଭିଯୋଗରେ ଜଣେ ଗିରଫ

ବଡ଼ସାହି,୧୮।୩(ସ୍ୱ.ପ୍ର)

ବ୍ୟାଙ୍କ ଏଟିଏମ୍‌ରେ ଜାଲ ନୋଟ ଭର୍ତ୍ତି କରିବା ଅଭିଯୋଗରେ ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ପୋଲିସ ବୁଧବାର ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଛେଳିଆ(ବି) ଗ୍ରାମର ପୂର୍ଣ୍ଣଚନ୍ଦ୍ର ଜେନା। ପୋଲିସ ସୂଚନା ଅନୁଯାୟୀ, ବଡ଼ସାହି ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାରେ ଥିବା ଏଟିଏମ୍ ମେଶିନରେ ୫ଟି ୫ଶହ ଟଙ୍କିଆ ଜାଲ ନୋଟକୁ ପୂର୍ଣ୍ଣଚନ୍ଦ୍ର ଭର୍ତ୍ତି କରିଥିଲେ। ମେଶିନଟି ବାରମ୍ବାର ସେହି ନୋଟ ଗୁଡିକୁ କାଢି ଦେଉଥିବା ବେଳେ ୪ର୍ଥ ଥରରେ ତାହା ଯାଇ ରିଜେକ୍ଟ ଚାମ୍ବରରେ ରହିଥିଲା। ବ୍ୟାଙ୍କ କର୍ମଚାରୀ ଟଙ୍କା ଭର୍ତ୍ତି କରିବାକୁ ଯାଇଥିବା ବେଳେ ଏହି ରିଜେକ୍ଟ ଚାମ୍ବରକୁ ଦେଖି ଜାଲ ନୋଟ ଭର୍ତ୍ତି କରିଥିବା ବ୍ୟକ୍ତିଙ୍କ ସମ୍ପର୍କରେ ତଥ୍ୟ ଅନୁସନ୍ଧାନ କରିଥିଲେ। ବ୍ୟାଙ୍କ ଆକାଉଣ୍ଟ ନମ୍ବରରେ ଅଭିଯୁକ୍ତଙ୍କ ବିରୋଧରେ ପ୍ରମାଣ ମିଳିବା ପରେ ଶାଖା ପରିଚାଳକ ବଡ଼ସାହି ଥାନାରେ ଏକମାସ ପୂର୍ବେ ଏତଲା ଦେଇଥିଲେ। ଏତାଲାକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୭/୨୦୨୦) ରୁଜୁ କରି ତଦନ୍ତ ଚଳାଇଥିଲା। ବୁଧବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

### କୀଟନାଶକ ପ୍ରଭାବରେ ଗୋରୁ ମୃତ୍ୟୁକୁ ନେଇ ଉତ୍ତେଜନା

ବଡ଼ସାହି,୧୮।୩(ସ୍ୱ.ପ୍ର)

ବଡ଼ସାହି ବ୍ଲକ ଅଧୀନ ଖାନୁଆ ପଞ୍ଚାୟତର ଧାନଶୋଳ ଗ୍ରାମ ଚାଷ ଜମିରେ ବ୍ୟବହୃତ ହୋଇଥିବା କୀଟନାଶକ ଖାଇ ବୁଧବାର ୨ଟି ଗାଈ ଓ ଗୋଟିଏ ବଳଦର ମୃତ୍ୟୁ ଘଟିଛି। ଏହି ଘଟଣାକୁ କେନ୍ଦ୍ର କରି ଗ୍ରାମରେ ଚାପା ଉତ୍ତେଜନା ଦେଖାଦେଇଛି। ଭାଲୁକଡୁବି-ନିଶ୍ଚିନ୍ତପୁର ଗ୍ରାମରେ କିଛି ଜମିରେ କୀଟନାଶକ ପଡିଥିବା ଗୋପାଳକମାନେ ଜାଣିନପାରି ଗୋରୁ ଗୁଡିକୁ ଚରିବାକୁ ଛାଡି ଦେଇଥିବାରୁ ଏପରି ହୋଇଥିବା ଜଣାପଡିଛି।

## ବୁଲିଲା କରୋନା ସଚେତନତା ଗାଡ଼ି



ଅତିଥିଙ୍କ ଉପସ୍ଥିତିରେ ସଚେତନତା ଗାଡ଼ିର ଶୁଭାରମ୍ଭ କରାଯାଉଛି।

ପରଜଙ୍ଗ, ୧୮।୩(ଡି.ଏନ.ଏ.)

ଭୁବନେଶ୍ୱରରେ କରୋନା ସଂକ୍ରମିତ ରୋଗୀ ଚିହ୍ନଟ ହେବା ପରେ ଢେଙ୍କାନାଳ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ସତର୍କତା ମୂଳକ ପଦକ୍ଷେପ ହାତକୁ ନିଆଯାଇଛି। କରୋନାକୁ ପ୍ରତିରୋଧ କରିବାକୁ ପଞ୍ଚାୟତସ୍ତରରେ ମଧ୍ୟ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପରଜଙ୍ଗ ସରପଞ୍ଚ ତଥା ବ୍ଲକ ଛାତ୍ର ବିଜେଡି ସଭାପତି ପ୍ରିୟଜିତ୍ ସାମଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୁଧବାରଠାରୁ ଗଡ଼ିଛି କରୋନା ସଚେତନତା ଗାଡ଼ି। ଏହି ଗାଡ଼ି ଗାଁ ଗାଁ ବୁଲିବ। ଭୂତାଣୁ ସଂକ୍ରମଣରୁ କିପରି ନିଜକୁ ସୁରକ୍ଷିତ ରଖିହେବ ସେ ସମ୍ପର୍କରେ ପ୍ରଚାର କରାଯିବ।

ପଞ୍ଚାୟତ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଅକ୍ଷୟ ବେହେରା, ସମିତିସଭ୍ୟ ମୀନକେତନ ସାମଲ, ତହସିଲଦାର ଜୟନ୍ତ କୁମାର ଜୟସିଂ, ଥାନାଧିକାରୀ ସନ୍ତୋଷ ପ୍ରଧାନ, ବିଡିଓ ରଞ୍ଜିତ ସାହୁ, ସହକାରୀ ପ୍ରାଣୀ ଚିକିତ୍ସକ ସରୋଜ ମହାନ୍ତି, ବ୍ଲକ ଯୁବ ବିଜେଡି ସଭାପତି ସୁବ୍ରତ ଦାସ, ଓକିଲ ସଂଘ ସଭାପତି ଅଶୋକ ଦଳବେହେରାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ସରପଞ୍ଚ ସମସ୍ତଙ୍କୁ ମାସ୍କ ବଣ୍ଟନ କରିଥିଲେ। ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ, ଦୋକାନକୁ ଯାଇ ଥାନାଧିକାରୀ ବାର୍ତ୍ତାପତ୍ର ବଣ୍ଟନ କରିଥିଲେ। କରୋନାକୁ ଭୟ ନ କରି ସଚେତନ ରହିଲେ ଏହାକୁ ପ୍ରତିହତ କରାଯାଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ସଚେତନତା ଗାଡ଼ି ଦିନତମାମ ଡାକବାଜି ଯନ୍ତ୍ର ସହାୟତାରେ ପ୍ରଚାର କରିଥିଲା।

## ବନ୍ଦ ହେବ ୩୭୬ ପ୍ରାଥମିକ, ଉପ୍ରା ସ୍କୁଲ

ଅନୁଗୋଳ ଅଫିସ୍, ୧୮।୩

ପିଲା ଓ ଶିକ୍ଷକ ଶୂନ୍ୟ ସରକାରୀ ବିଦ୍ୟାଳୟ। ସାରା ରାଜ୍ୟରେ ଅନେକ ବିଦ୍ୟାଳୟରେ ଏପରି ସ୍ଥିତି ଲାଗି ରହିଥିବାବେଳେ ସରକାର ଏଗୁଡିକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ନିଷ୍ପତ୍ତି ଫଳରେ ଅନୁଗୋଳ ଜିଲାରେ ପିଲା କମ୍ ଥିବା ତଥା ପାଖାପାଖି ବିଦ୍ୟାଳୟଗୁଡିକ ବନ୍ଦ କରିଦିଆଯାଇପାରେ ବୋଲି ଜଣାପଡିଛି। ଏହା କାର୍ଯ୍ୟକାରୀ ହେଲେ ଜିଲାର ୩୭୬ ସ୍କୁଲ ବନ୍ଦ ହୋଇଯିବାର ସମ୍ଭାବନା ରହିଛି। ଏଥିପାଇଁ ସମସ୍ତ ବ୍ଲକ ଶିକ୍ଷାଧିକାରୀ (ବିଇଓ) ଆସନ୍ତା ୧୯ ତାରିଖ ସୁଦ୍ଧା ଉପରୋକ୍ତ ସ୍କୁଲଗୁଡ଼ିକର ସ୍ଥିତି ନେଇ ଚୂଡ଼ାନ୍ତ ରିପୋର୍ଟ ଜିଲା ଶିକ୍ଷାଧିକାରୀଙ୍କୁ ଦେବାକୁ କୁହାଯାଇଛି। ଜିଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କୁ ରିପୋର୍ଟ ମିଳିବା ପରେ ଜିଲାପାଳଙ୍କ ଅନୁମୋଦନକ୍ରମେ ଗଣଶିକ୍ଷା ବିଭାଗକୁ ଆସନ୍ତା ୨୦ ସୁଦ୍ଧା ରିପୋର୍ଟ ପଠାଯିବାର କାର୍ଯ୍ୟସୂଚୀ ରହିଥିବା ଡିଇଓ କଳ୍ପନା କୁମାରୀ ବେହେରା ସୂଚନା ଦେଇଛନ୍ତି।

■ସରକାରୀ ବିଦ୍ୟାଳୟରେ ପିଲା ନାହାନ୍ତି

■୨୦ ସୁଦ୍ଧା ସରକାରଙ୍କୁ ରିପୋର୍ଟ

ବିଇଓ ବିସ୍ତୃତ ଭାବେ ରିପୋର୍ଟ ଦେବା ପରେ ଜିଲାପାଳ ତାହାକୁ ଗଣଶିକ୍ଷା ବିଭାଗକୁ ପଠାଇବେ। ଏହା ପରେ ଆସନ୍ତା ଏପ୍ରିଲ ସୁଦ୍ଧା ଏ ସବୁ ସ୍କୁଲ ବନ୍ଦ ହୋଇଯିବ ବୋଲି ଜିଲା ଶିକ୍ଷା ବିଭାଗ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ପୂର୍ବରୁ ଜିଲାରେ ପିଲା କମ୍ ପାଇଁ ହୋଇଥିବା କିଛି ସ୍କୁଲ ମିଶ୍ରଣକୁ ନେଇ ବିବାଦ ତେଜିଥିବାବେଳେ ଏବେ ଏତେ ସଂଖ୍ୟକ ସ୍କୁଲରେ ତାଲା ଝୁଲିବା ପ୍ରକ୍ରିୟା ଆରମ୍ଭ ହେଲେ ସାଧାରଣରେ ତୀବ୍ର ପ୍ରତିକ୍ରିୟା ଦେଖାଯିବାର ଆଶଙ୍କା ଥିବା ସ୍ଥାନୀୟ ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି। ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ମୁତାବକ, ଶହେ ମିଟର ଦୂରତା କିମ୍ବା ଗୋଟିଏ କ୍ୟାମ୍ପସ୍‌ରେ ରହିଥିବା ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟ, ୨୦ କିମ୍ବା କମ୍ ପିଲା ଥିବା ବିଦ୍ୟାଳୟ, କେବଳ ଷଷ୍ଠରୁ ଅଷ୍ଟମ, ପ୍ରଥମରୁ ତୃତୀୟ, ଷଷ୍ଠରୁ ସପ୍ତମ, ଚତୁର୍ଥରୁ ଦଶମ, ଅଷ୍ଟମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ବିଦ୍ୟାଳୟଗୁଡ଼ିକୁ ନିକଟସ୍ଥ ବିଦ୍ୟାଳୟରେ ମିଶ୍ରଣ କରାଯିବ। ଏହି ପ୍ରକ୍ରିୟା କାର୍ଯ୍ୟକାରୀ ହେଲେ ଅନୁଗୋଳର ମୋଟ ୧୭୬୦ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ୩୭୬ଟି ବିଦ୍ୟାଳୟ ବନ୍ଦ କରାଯିବାର ଯୋଜନା ରହିଛି। ବନ୍ଦ ତାଲିକାରେ ଥିବା ସ୍କୁଲ ଗୁଡ଼ିକ ମଧ୍ୟରୁ ୨୯୫ଟି ପ୍ରାଥମିକ ସ୍କୁଲ ରହିଛି। ସେଥିମଧ୍ୟରୁ ୨୦୩ଟି ବିଦ୍ୟାଳୟରେ ୨୦ରୁ କମ୍ ଛାତ୍ରୀଛାତ୍ର ରହିଥିବା ଦର୍ଶାଯାଇଛି। ସେହିପରି ୯୨ଟି ପ୍ରାଥମିକ ବିଦ୍ୟାଳୟ ଗୋଟିଏ କିଲୋମିଟର ମଧ୍ୟରେ ଥିବାବେଳେ ସେଠାରେ ୪୦ରୁ କମ୍ ଛାତ୍ରୀଛାତ୍ର ରହିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଜିଲାରେ ୮୧ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛି। ୨୦ରୁ କମ୍ ପିଲା ଥିବା କାରଣରୁ ପ୍ରାଥମିକ ସ୍କୁଲ ଏବଂ ୪୦ରୁ କମ୍ ପିଲା ଓ ୧ କିଲୋମିଟର ମଧ୍ୟରେ ଥିବାରୁ ଉଚ୍ଚ ମାଧ୍ୟମିକ ପ୍ରାଥମିକ ସ୍କୁଲ ଗୁଡ଼ିକୁ ବନ୍ଦ କରାଯାଇ ପାଖ ସ୍କୁଲରେ ମିଶ୍ରଣ କରାଯିବ। ଉଭୟ ପିଲା ଏବଂ ଶିକ୍ଷକ ମଧ୍ୟ ସେହି ସ୍କୁଲକୁ ସ୍ଥାନାନ୍ତର କରାଯିବାର ଯୋଜନା ସରକାର କରିଛନ୍ତି। ରିପୋର୍ଟ ପାଇବା ପରେ ଶିକ୍ଷା ବିଭାଗ ଚୂଡ଼ାନ୍ତ ନିଷ୍ପତ୍ତି ନେବ। ସ୍କୁଲ ମିଶ୍ରଣ ହେବା ପରେ ପିଲାମାନଙ୍କ ଯିବାଆସିବା ଦୂରତା ଯଦି ଅଧିକ ହୁଏ ତେବେ ପ୍ରଶାସନ ପକ୍ଷରୁ ବାଟ ଖର୍ଚ୍ଚ ଯୋଗାଇ ଦିଆଯିବାର ବ୍ୟବସ୍ଥା ଥିବା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଗତବର୍ଷ ୧୦ରୁ କମ୍ ଛାତ୍ରୀଛାତ୍ର ଥିବା ୩୨ଟି ପ୍ରାଥମିକ ବିଦ୍ୟାଳୟକୁ ବନ୍ଦ କରାଯାଇ ଅନ୍ୟ ବିଦ୍ୟାଳୟରେ ମିଶ୍ରଣ କରାଯାଇଥିଲା।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ଗୁରୁବାର, ମାର୍ଚ୍ଚ ୧୯/୨୦୨୦, Dhenkanal, Thursday, March 19 / 2020

## ସଂକ୍ଷେପରେ

### ମାଟ୍ରିକ୍ ଖାତାଦେଖା ପ୍ରକ୍ରିୟା ଆରମ୍ଭ

■୧୭ ୟୁନିଟ୍‌ରେ ୪୨୫ ଶିକ୍ଷକ ନିୟୋଜିତ

■କରୋନା ପାଇଁ ପର୍ଯ୍ୟାୟକ୍ରମେ ଖାତାଦେଖା

**ଢେଙ୍କାନାଳ ଅଫିସ, ୧୮।୩:** ଢେଙ୍କାନାଳ ଜିଲା ଶିକ୍ଷା ବିଭାଗ ପକ୍ଷରୁ ସ୍ଥାନୀୟ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାରଠାରୁ ମାଟ୍ରିକ ଖାତାଦେଖା ପ୍ରକ୍ରିୟା ଆରମ୍ଭ ହୋଇଛି। ଗୁରୁବାରଠାରୁ ବିଧିବଦ୍ଧ ଭାବେ ଖାତା ମୂଲ୍ୟାଙ୍କନ ଆରମ୍ଭ ହେବ। ଏହି କାର୍ଯ୍ୟ ଏପ୍ରିଲ ୯ ଯାଏ ଚାଲିବ। ଏଥିଲାଗି ମୋଟ ୧୭ଟି ୟୁନିଟ୍ କରାଯାଇଛି। ୪୨୫ଜଣ ଶିକ୍ଷୟିତ୍ରୀଶିକ୍ଷକ ଖାତାଦେଖା କାର୍ଯ୍ୟରେ ନିୟୋଜିତ ହେଉଛନ୍ତି। ସେମାନଙ୍କ ମଧ୍ୟରେ ୧୭ଜଣ ମୁଖ୍ୟ, ୩୪ ଜଣ ଲେଖାଏ ଉପମୁଖ୍ୟ ଏବଂ ସ୍କ୍ରୁଟିନାଇଜର ଅଛନ୍ତି। ଅନ୍ୟପଟେ କରୋନା ଭୂତାଣୁ ସଂକ୍ରମଣ ପ୍ରତିରୋଧ ପାଇଁ ଖାତାଦେଖା କେନ୍ଦ୍ରରେ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଚଳିତବର୍ଷ ପର୍ଯ୍ୟାୟକ୍ରମେ ଖାତା ଦେଖିବା ଲାଗି ସମୟ ନିର୍ଘଣ୍ଟ ହୋଇଛି। ପ୍ରତ୍ୟହ ପୂର୍ବାହ୍ନ ସାଢ଼େ ୮ଟାରୁ ଅପରାହ୍ନ ସାଢ଼େ ୨ଟା, ସାଢ଼େ ୯ଟାରୁ ଅପରାହ୍ନ ସାଢ଼େ ୩ଟା ଏବଂ ସାଢ଼େ ୧୦ଟାରୁ ଅପରାହ୍ନ ସାଢ଼େ ୪ଟା ପର୍ଯ୍ୟନ୍ତ ୩ ଶିଫ୍ଟରେ ଖାତାଦେଖା କାର୍ଯ୍ୟ ଚାଲିବ। ଖାତାଦେଖା ଲାଗି ୧୭ ପ୍ରକୋଷ୍ଠରେ ଆବଶ୍ୟକ ବ୍ୟବସ୍ଥା କରାଯାଇଛି। ସେହିପରି ଏହି କାର୍ଯ୍ୟରେ ନିୟୋଜିତ ଶିକ୍ଷକମାନଙ୍କ ମଧ୍ୟରେ ଦୂରତ୍ୱ ରଖିବାକୁ ପରାମର୍ଶ ଦିଆଯାଇଛି। ହାତ ଧୋଇବା ଲାଗି ସମସ୍ତଙ୍କୁ ସାବୁନ ପ୍ରଦାନ କରାଯାଇଛି। ଏ ନେଇ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ବିଜ୍ଞାନ ସହାୟକ ସୁକାନ୍ତ କୁମାର ସାହୁ କୁହନ୍ତି, ପ୍ରଥମେ ଅବଜେକ୍ଟିଭ୍ ଟାଇପ୍ ଖାତାଦେଖା ହେବ। ସଂସ୍କୃତରେ ଗୋଟିଏ ୟୁନିଟ୍ ଏବଂ ଅନ୍ୟ ସମସ୍ତ ବିଷୟରେ ୨ଟି ଲେଖାଏ ୟୁନିଟ୍ କରାଯାଇଛି। ଖାତାଦେଖା କାର୍ଯ୍ୟକୁ ତ୍ରୁଟି ରହିତ କରିବାକୁ ସମସ୍ତ ପଦକ୍ଷେପ ନିଆଯାଇଥିବା ସେ ସୂଚନା ଦେଇଛନ୍ତି।

# ଆକର୍ଷିତ କରୁଛି ଓପନ୍ ଜିମ୍


ଓପନ ଜିମ୍‌ରେ ଲୋକମାନେ ବ୍ୟାୟମ କରୁଛନ୍ତି।

ସୁଠାମ ଶରୀର ଗଠନ ଏବେ ଯୁବପିଢ଼ିଙ୍କ ନିଶା ପାଲଟିଛି। ଏଥିଲାଗି ଜିମ୍‌ରେ ଘଣ୍ଟା ଘଣ୍ଟା ଧରି ଝାଳ ବୁହାଉଛନ୍ତି ସେମାନେ। ଯୁବବର୍ଗଙ୍କ ଭିତରେ ବ୍ୟାୟାମ ପ୍ରତି ବଢୁଥିବା ଆଗ୍ରହକୁ ଦୃଷ୍ଟିରେ ରଖି ଅନେକ ସ୍ଥାନରେ ତିଆରି ହୋଇଛି ଓପନ ଜିମ୍। ଏହା ଯେ କେବଳ ଯୁବତୀଯୁବକଙ୍କ କାମରେ ଆସୁଛି ତାହା ନୁହେଁ, ବରଂ ଏବେ ସବୁ ବର୍ଗର ଲୋକେ ପଡ଼ିଛନ୍ତି ଜିମ୍ ମୋହରେ...

ଭୁବନ, ୧୮।୩
(ବିପିନ ବିହାରୀ ସେଠୀ)

■ପାଲଟିଛି ଯୁବକଙ୍କ ପ୍ରଶିକ୍ଷଣ କେନ୍ଦ୍ର

■ବରିଷ୍ଠମାନେ କରୁଛନ୍ତି ମନୋରଞ୍ଜନ

ଢେଙ୍କାନାଳ ଜିଲା ଭୁବନ ସହରବାସୀଙ୍କୁ ସ୍ୱାସ୍ଥ୍ୟବାନ ରଖିବାକୁ ଏନ୍‌ଏସି ପକ୍ଷରୁ ସ୍ଥାନୀୟ ମିନି ଷ୍ଟାଡିୟମରେ ନିର୍ମିତ ହୋଇଛି ଓପନ ଜିମ୍। ନିଜକୁ ସ୍ୱାସ୍ଥ୍ୟବାନ ରଖିବାକୁ ଏବେ ଏଠାରେ ଭିଡ଼ ଜମାଉଛନ୍ତି ସବୁବର୍ଗର ଲୋକ। ଅଞ୍ଚଳବାସୀଙ୍କ ମନୋରଞ୍ଜନର ମାଧ୍ୟମ ପାଲଟିଥିବାବେଳେ ଜିମ୍‌ରେ ସକାଳୁ ସନ୍ଧ୍ୟାରେ ଝାଳ ବୁହାଇବାକୁ ଚାଲୁଛି ଏକରକମର ପ୍ରତିଯୋଗିତା।

ପ୍ରାତଃ ଏବଂ ସାନ୍ଧ୍ୟ ଭ୍ରମଣ ଲାଗି ଭୁବନ ମିନି ଷ୍ଟାଡିୟମକୁ ସହରବାସୀ ବ୍ୟବହାର କରୁଥିଲେ। ଷ୍ଟାଡିୟମ ପରିସରରେ ଏକ ଓପନ ଜିମ କରାଗଲେ ସମସ୍ତେ ଉପକୃତ ହୋଇପାରନ୍ତେ ବୋଲି ମତ ପ୍ରକାଶ ପାଇଥିଲା। ଏହାକୁ ଗୁରୁତ୍ୱର ସହ ନେଇଥିଲା ଜିଲା ପ୍ରଶାସନ। ଜିଲା କ୍ରୀଡ଼ା ବିଭାଗ ଅନୁଦାନରେ ଏଠାରେ ଆରମ୍ଭ ହୋଇଥିଲା ଉନ୍ନତମାନର ବ୍ୟାୟାମଶାଳା। ହେଲେ ଦେୟ ଦେବାକୁ ପଡୁଥିବାରୁ ଏହାକୁ ବ୍ୟବହାର କରିବା ସମସ୍ତଙ୍କ ପକ୍ଷେ ସମ୍ଭବ ହେଉ ନ ଥିଲା। ତେବେ ଶିକ୍ଷିତ ଯୁବକ, ବୟସ୍କ ବ୍ୟକ୍ତିଙ୍କ ଆଗ୍ରହକୁ ନଜରରେ ରଖି ଷ୍ଟାଡିୟମ ପରିସରରେ ଏକ ମୁକ୍ତାକାଶ ବ୍ୟାୟାମଶାଳା ନିର୍ମାଣ କରିବାକୁ ଏନ୍‌ଏସି ପକ୍ଷରୁ ଜିଲା କ୍ରୀଡ଼ା ବିଭାଗକୁ ପ୍ରସ୍ତାବ ଦିଆଯାଇଥିଲା। ଜିଲା କ୍ରୀଡ଼ା ବିଭାଗ ଏବଂ ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଉଦ୍ୟମରେ ଏଠାରେ ୪ମାସ ତଳେ ଲୋକାର୍ପିତ ହୋଇଛି ଓପନ ଜିମ୍। ଦୈନିକ ଶତାଧିକ ବୟସ୍କ, ଯୁବତୀଯୁବକ, ଅବସରପ୍ରାପ୍ତ କର୍ମଚାରୀ ଜିମ୍‌କୁ ଆସି କସରତ କରୁଛନ୍ତି। ବିଶେଷ କରି ପ୍ରତିରକ୍ଷା ବାହିନୀରେ ଯୋଗଦେବାକୁ ଇଚ୍ଛୁକ ଥିବା ଯୁବକଙ୍କ ଲାଗି ଏହି ଜିମ୍ ପାଲଟିଛି ପ୍ରଶିକ୍ଷଣ କେନ୍ଦ୍ର। ଏଠାରେ ସେମାନେ ଶାରୀରିକ ପରୀକ୍ଷା ଲାଗି ପ୍ରସ୍ତୁତ ହେଉଛନ୍ତି। ଅନ୍ୟପଟେ ଜିମ୍ ପ୍ରତି ଆକର୍ଷଣ ବଢୁଥିବାରୁ ଏହାର ଭିତ୍ତିଭୂମିକୁ ଆହୁରି ଉନ୍ନତମାନର କରିବାକୁ ଏନ୍‌ଏସି ପକ୍ଷରୁ ଯୋଜନା କରାଯାଇଛି। ଆଗାମୀ ଦିନରେ ବ୍ୟାୟାମଶାଳାରେ ଶୌଚାଳୟ, ପାନୀୟ ଜଳ ସାଙ୍ଗକୁ ବର୍ଷା ଜଳ ନିଷ୍କାସନ ଲାଗି ଡ୍ରେନ୍ ବ୍ୟବସ୍ଥା କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ହେଲେ ଏନ୍‌ଏସି କର୍ତ୍ତୃପକ୍ଷ ଆନ୍ତରିକତା ଦେଖାଉ ନ ଥିବାରୁ କାମ ବିଳମ୍ବ ହେଉଥିବା ଅଭିଯୋଗ ହେଉଛି। ସେହିପରି ଏନ୍‌ଏସିରେ ବସବାସ କରୁଥିବା ଲୋକଙ୍କ ପାଇଁ ଏକମାତ୍ର ଓପନ ଜିମ୍ ଯଥେଷ୍ଟ ହେଉନାହିଁ। ତେଣୁ ଏଭଳି ଆଉ ଏକ ଜିମ୍ କରିବାକୁ ସହରବାସୀ ଦାବି କରିଛନ୍ତି।

ଏ ନେଇ ଏନ୍‌ଏସି ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ବରାଳ କୁହନ୍ତି, ପ୍ରାଥମିକ ପର୍ଯ୍ୟାୟରେ ଜିମ୍‌ରେ ଆନୁଷଙ୍ଗିକ ଉପକରଣ ଲଗାଯାଇଛି। ସମ୍ପୂର୍ଣ୍ଣ ପ୍ରକଳ୍ପ ସରିବାରେ ୯ ଲକ୍ଷ ଟଙ୍କା ବ୍ୟୟ ହେବ ବୋଲି ଆକଳନ କରାଯାଇଛି। ଅନ୍ୟ କାମ ଲାଗି ବିଧିବଦ୍ଧ ଭାବେ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି। କାମ ଶୀଘ୍ର ସାରିବାକୁ ଉଦ୍ୟମ କରାଯାଉଛି। ଏହାର ପରିଚାଳନା ଦାୟିତ୍ୱ ଭୁବନ କ୍ରିକେଟ କ୍ଲବକୁ ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି।

### ଉନ୍ନତମାନର ଉପକରଣ ଲୋଡ଼ା



"ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ କେତେଜଣ ଲୋକ ଷ୍ଟାଡିୟମକୁ ଆସି ବ୍ୟାୟାମ କରୁଥିଲେ। ଓପନ ଜିମ୍ କାର୍ଯ୍ୟକ୍ଷମ ହେବା ପରେ ଦୈନିକ ବିଭିନ୍ନ ବର୍ଗରୁ ୩୦୦ରୁ ଊର୍ଦ୍ଧ୍ୱ ଲୋକ ଆସୁଛନ୍ତି। ସୁସ୍ଥ ସବଳ ରହିବାକୁ ସେମାନେ ବ୍ୟାୟାମ କରୁଛନ୍ତି। ଉନ୍ନତମାନର ବ୍ୟାୟାମ ଉପକରଣ ଲାଗିଲେ ଏହା ଆହୁରି ଆକର୍ଷଣୀୟ ହେବ।

-ରବିନାରାୟଣ ନାୟକ, ଅବସରପ୍ରାପ୍ତ ସେନା କର୍ମଚାରୀ

### ପୂର୍ବାପେକ୍ଷା ସୁସ୍ଥ ଅନୁଭବ କରୁଛି



"ଚାକିରିରୁ ଅବସର ନେବା ପରେ ଅସୁସ୍ଥ ଅନୁଭବ କରୁଥିଲି। ଡାକ୍ତର ବ୍ୟାୟାମ କରିବା ପାଇଁ ପରାମର୍ଶ ଦେଇଥିଲେ। ସେହିଦିନଠାରୁ ଷ୍ଟାଡିୟମକୁ ଆସୁଥିଲି। ହେଲେ ଓପନ ଜିମ୍ ପରେ ବିଭିନ୍ନ ପ୍ରକାର ବ୍ୟାୟାମ କରିବା ସୁବିଧା ହେଉଛି। ପୂର୍ବଅପେକ୍ଷା ଅଧିକ ସୁସ୍ଥ ଅନୁଭବ କରୁଛି।

-କାହ୍ନୁଚରଣ ବେହେରା, ଅବସରପ୍ରାପ୍ତ ଶିକ୍ଷକ

### ମାନସିକ ଶାନ୍ତି ମିଳୁଛି



"ବୟସ ବଢ଼ିବା ସାଙ୍ଗକୁ ଏବେ ରୋଗ ମାଡ଼ିବସୁଛି। ଅଧିକାଂଶ ପରିବାରରେ ଏହା ଏବେ ସାଧାରଣ ଘଟଣା ହେଲାଣି। ଷ୍ଟାଡିୟମ ନିକଟରେ ଘର। ସେଥି ପାଇଁ ପ୍ରତିଦିନ ଏଠାକୁ ଆସି ଯୋଗ ସାଙ୍ଗକୁ ବ୍ୟାୟାମ କରେ। ଏଠାକୁ ଆସିବା ପରେ ଅନେକଙ୍କ ସହ ବନ୍ଧୁତା ସୃଷ୍ଟି ହୋଇଛି। ଜିମ୍‌ରେ ବ୍ୟାୟାମ କରିବା ଦ୍ୱାରା ମାନସିକ ଶାନ୍ତି ମିଳୁଛି।

-ରୋଜାଲିନ ପୋଥାଳ

### ସମସ୍ତେ ସୁଯୋଗ ନିଅନ୍ତୁ



"ପାଠପଢ଼ା ଯେତିକି ଆବଶ୍ୟକ, ଶାରୀରିକ ପରିଶ୍ରମ ମଧ ସେତିକି ଜରୁରୀ। ପୂର୍ବରୁ ମାନ୍ଦା ମାନ୍ଦା ଲାଗୁଥିଲା। ହେଲେ ଏଠାକୁ ଆସିବା ପରେ ଆରାମ ଲାଗୁଛି। ସମସ୍ତେ ଏହାର ସୁଯୋଗ ନେବା ଆବଶ୍ୟକ। ଦିନକୁ ଅତ୍ୟନ୍ତ ଥରେ ଆସି ବ୍ୟାୟାମ କଲେ ଶରୀର ସୁସ୍ଥ ରହିବ।

- ରଶ୍ମିରେଖା ପୋଥାଳ

### ଗୋଟିଏ ଜିମ୍ ଯଥେଷ୍ଟ ହେଉନାହିଁ



"ବୟସ ତୁଳନାରେ ଓଜନ ଅଧିକ ବଢ଼ିଯାଇଥିଲା। ଖାଇବା କମାଇଲେ ମଧ ଅସୁସ୍ଥ ଅନୁଭବ କରୁଥିଲି। ୩ମାସ ହେଲା ଜିମ୍‌କୁ ଆସିବା ପରେ ସୁସ୍ଥ ଅନୁଭବ କରୁଛି। ସ୍ମାର୍ଟ ଅନୁଭବ କରୁଛି। ଶତାଧିକ ଲୋକଙ୍କ ପାଇଁ ଗୋଟିଏ ଜିମ ଯଥେଷ୍ଟ ହେଉନାହିଁ। ଏପରି ଆଉ ଗୋଟିଏ ଦୁଇଟି ଜିମ୍ ଅନ୍ୟ ସ୍ଥାନରେ କରାଗଲେ ସମସ୍ତେ ଏହାର ସୁଯୋଗ ନେଇପାରିବେ।

-ଶୁଭସ୍ମିତା ପୋଥାଳ

## ଗ୍ରାମାଞ୍ଚଳରେ ବେଶି ସଚେତନତା ଜରୁରୀ

ଢେଙ୍କାନାଳ ଅଫିସ, ୧୮।୩

କରୋନା ଭୂତାଣୁ ସଂକ୍ରମଣ ପ୍ରତିରୋଧ ଲାଗି ଢେଙ୍କାନାଳ ଜିଲା ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି। ତେବେ ଗ୍ରାମାଞ୍ଚଳବାସୀ ଅଧିକ ସଚେତନ ହେବା ଜରୁରୀ ବୋଲି କହିଛନ୍ତି ସିଡିଏମ୍‌ଓ ଡା. ନିରଞ୍ଜନ ମିଶ୍ର। କରୋନା ସତର୍କତା ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି ଯେ, ବାହାରୁ ଅନେକ ବ୍ୟକ୍ତି ଗ୍ରାମାଞ୍ଚଳକୁ ଆସୁଛନ୍ତି। ସେମାନଙ୍କୁ ଅଛୁଆଁ ଭାବିବା ଅନୁଚିତ। ଫଳରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ରହିଛି। ସେ ଏକ ଉଦାହରଣ ଦେଇ କହିଲେ, ମଙ୍ଗଳବାର ରାତିରେ ଏକ ଗ୍ରାମରେ ବାହାରୁ ଆସିଥିବା ଜଣେ ଯୁବକଙ୍କୁ ଘର ଲୋକେ ଭିତରକୁ ଆସିବାକୁ ଦେଲେନାହିଁ। ତେଣୁ ସେ ରାତିସାରା ବାହାରେ ରହିଥିଲେ। ସମ୍ପୃକ୍ତ ବ୍ୟକ୍ତିଙ୍କୁ ବାହାରକୁ ନ ଯାଇ ଘରେ ନିବୃତ୍ତ ରହିବାକୁ ପରାମର୍ଶ ଦିଆଯାଇଛି। ତାଙ୍କୁ ଥଣ୍ଡା, କାଶ, ଛିଙ୍କ ହେଲେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ପରାମର୍ଶ ଦିଆଯାଇଛି। ଏଥିରେ କେହି ଭୟଭୀତ ହେବା ଅନୁଚିତ। ପଞ୍ଚାୟତ ପ୍ରତିନିଧିମାନେ ଏ ନେଇ ଗ୍ରାମବାସୀଙ୍କୁ ଅଧିକରୁ ଅଧିକ ସଚେତନ କରିବା ଆବଶ୍ୟକ ବୋଲି ବୋଲି ସିଡିଏମ୍‌ଓ ପରାମର୍ଶ ଦେଇଛନ୍ତି। ଅନ୍ୟପଟେ ଗ୍ରାମାଞ୍ଚଳରୁ ଏପରି ଅନେକ କଲ ଆସୁଛି। ଏଥିଲାଗି ସମସ୍ୟା ହେଉଛି। କରୋନାକୁ ନେଇ ମଥ୍ୟା ପ୍ରଚାର କରିବା, ଗୁଜବ ସୃଷ୍ଟି କରିବା ଭଳି ଘଟଣାକୁ ପ୍ରଶ୍ରୟ ଦିଆଯିବ ନାହିଁ। ଏହାକୁ ଆପରାଧିକ କାର୍ଯ୍ୟ ଭାବେ ବିବେଚନା କରାଯିବ। ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

# ପ୍ରତିରୋଧ ପ୍ରସ୍ତୁତି ଅନୁଧ୍ୟାନ କଲେ ଏମ୍‌ପି

ଢେଙ୍କାନାଳ ଅଫିସ,୧୮।୩



ଏମ୍‌ପି ମହେଶ ସାହୁ ଜିଲା ଚିକିତ୍ସାଳୟରେ ଅନୁଧ୍ୟାନ କରୁଛନ୍ତି।

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ କରୋନା ଭୂତାଣୁ ପ୍ରତିରୋଧ ପ୍ରସ୍ତୁତିକୁ ବୁଧବାର ଅପରାହ୍ନରେ ଏମ୍‌ପି ମହେଶ ସାହୁ ଅନୁଧ୍ୟାନ କରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ପରିସରକୁପରିଷ୍କାର ପରିଚ୍ଛନ୍ନ ରଖିବା ଲାଗି ସେ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଏଥିସହ ସହରରୁ ଗ୍ରାମାଞ୍ଚଳ ଯାଏ ବ୍ୟାପକ ସଚେତନତାମୂଳକ ପଦକ୍ଷେପ ଗ୍ରହଣ କରିବାକୁ ସେ ସିଡିଏମ୍‌ଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

କରୋନା ଭୂତାଣୁ ପ୍ରତିରୋଧ ପାଇଁ ଜିଲା ଚିକିତ୍ସାଳୟରେ ଆଉଟଡୋର୍ କର୍ନର, ୪ମହଲାରେ ୬ଶଯ୍ୟା ବିଶିଷ୍ଟ ଆଇସୋଲେଶନ ୱାର୍ଡ୍, କାଶ, ଜ୍ୱର ଓ ଆଶୁ ଚିକିତ୍ସା ପ୍ରକୋଷ୍ଠ, ଆକ୍ରାନ୍ତଙ୍କ ନିମନ୍ତେ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍, ପଞ୍ଜୀକରଣ ପ୍ରକୋଷ୍ଠ ସୁବିଧା କରାଯାଇଛି। ସବୁ ୱାର୍ଡ ପରିଦର୍ଶନ କରି ଏମ୍‌ପି ସନ୍ତୋଷ ବ୍ୟକ୍ତ କରିଛନ୍ତି।

**କରୋନା ସଚେତନତା**

ପରିଦର୍ଶନ ସମୟରେ ସିଡିଏମ୍‌ଓ ଡା. ନିରଞ୍ଜନ ମିଶ୍ର, ଏଡିଏମ୍‌ଓ ଡା. ଅଭୟ କୁମାର ଦାସ, ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର, ଚିକିତ୍ସାଳୟ ପରିଚାଳିକା ଅଲିଭା ଆର୍ଯ୍ୟରଶ୍ମି ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

ଏ ସଂକ୍ରାନ୍ତରେ ସିଡିଏମ୍‌ଓ କୁହନ୍ତି, ୨ଶଯ୍ୟା ବିଶିଷ୍ଟ ଆଇସୋଲେଶନ ୱାର୍ଡକୁ ୬ ଶଯ୍ୟାକୁ ବୃଦ୍ଧି କରାଯାଇଛି। ଆଉଟ୍‌ଡୋରକୁ ଗହଳି ମୁକ୍ତ କରିବାକୁ କାଶ ଓ ଜ୍ୱର ଆକ୍ରାନ୍ତଙ୍କ ଆଶୁ ଚିକିତ୍ସା ପାଇଁ ଅଲଗା ପ୍ରକୋଷ୍ଠ କରାଯାଇଛି। ଆଉଟଡୋରରେ ସଚେତନତା ପାଇଁ ଏକ କର୍ନର କରାଯାଇଛି। ଫୋନ ମାଧ୍ୟମରେ ପଞ୍ଜୀକରଣ ବ୍ୟବସ୍ଥା କରାଯାଇଛି।

# ନବବଧୂଙ୍କୁ ନିର୍ଯାତନା

କାମାକ୍ଷାନଗର, ୧୮।୩(ଡି.ଏନ.ଏ.)



■ମହିଳା ଉଦ୍ଧାର, ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି

■ଥାନାରେ ଅଭିଯୋଗ, ପୋଲିସର ତଦନ୍ତ

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ବୀରାଶାଳ ଗ୍ରାମରେ ଜଣେ ନବବଧୂଙ୍କୁ ଯୌତୁକ ପାଇଁ ଅକଥନୀୟ ନିର୍ଯାତନା ଦିଆଯାଇଥିବା ଅଭିଯୋଗ ହୋଇଛି। ଶାଶୁଘର ଲୋକେ ମହିଳାଙ୍କୁ ନିସ୍ତୁକ ମାଡ଼ ମାରୁଥିଲେ। ସୂଚନା ପାଇ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଏଥିସହ ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

ଅଭିଯୋଗ ଅନୁଯାୟୀ, ନିର୍ଯାତିତା ମହିଳା ଜଣକ ହେଲେ କାମାକ୍ଷାନଗର ଥାନା ଜଳଧରପୁର ଗ୍ରାମର କ୍ଷେତ୍ରବାସୀ ପାତ୍ରଙ୍କ ଝିଅ ସୁଷମା। ସୁଷମାଙ୍କ ବିବାହ ୬ମାସ ତଳେ ବୀରାଶାଳ ଗ୍ରାମର ସଂସାରୀ ପାତ୍ରଙ୍କ ପୁଅ ନାରଣଙ୍କ ସହ ବୈଦିକ ରୀତିରେ ହୋଇଥିଲା। ବିବାହ ପରେ ଶାଶୁଘର ଲୋକେ ତାଙ୍କୁ ନିର୍ଯାତନା ଦେଇ ଆସୁଥିଲେ। ମଙ୍ଗଳବାର ରାତିରେ ସୁଷମାଙ୍କ ଶାଶୁ, ଶ୍ୱଶୁର, ନଣନ୍ଦ ଏବଂ ଅନ୍ୟମାନେ ମିଶି ତାଙ୍କୁ ଏକ ଗଛରେ ବାନ୍ଧି ମାଡ଼ ମାରୁଥିଲେ। ସ୍ତ୍ରୀଙ୍କୁ ଦିଆଯାଉଥିବା ନିର୍ଯାତନା ବିରୋଧରେ ସ୍ୱର ଉଠାଇଥିବା ନାରଣ ମଧ୍ୟ ନିଜ ପରିବାର ଲୋକଙ୍କ ଆକ୍ରୋଶର ଶିକାର ହୋଇଥିଲେ। ମାନସିକ ଅଶାନ୍ତି ଭିତରେ ସେ ଉକ୍ତ ସ୍ଥାନ ଛାଡ଼ି କେଉଁଆଡ଼େ ପଳାଇ ଯାଇଥିଲେ। ପରିବାର ଲୋକେ କୌଣସି ସୂତ୍ରରୁ ସୂଚନା ପାଇ ସୁଷମାଙ୍କୁ ଗୋଡ଼ହାତ ବନ୍ଧାଯାଇଥିବା ଅବସ୍ଥାରେ ବୁଧବାର ଉଦ୍ଧାର କରିଥିଲେ। ପରେ ୧୦୮ ଆମ୍ବୁଲାନ୍ସରେ ତାଙ୍କୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଏ ନେଇ ଝିଅଙ୍କ ଶାଶୁଘର ଲୋକଙ୍କ ବିରୋଧରେ କ୍ଷେତ୍ରବାସୀ କଙ୍କଡ଼ାହାଡ଼ ଥାନାରେ ଅଭିଯୋଗ କରିଛନ୍ତି।

ଏ ନେଇ ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ କୁହନ୍ତି, ଥାନାରେ ଅଭିଯୋଗ ପରେ ମହିଳାଙ୍କ ଶାଶୁ, ଶ୍ୱଶୁରଙ୍କୁ ଅଟକ ରଖାଯାଇଛି। ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ କରାଯାଉଛି। ଅଭିଯୋଗ ପ୍ରମାଣିତ ହେଲେ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ମୁହଁରେ ପ୍ରଶଂସା, ରିପୋର୍ଟରେ ଅବ୍ୟବସ୍ଥା

ଢେଙ୍କାନାଳ ଅଫିସ, ୧୮।୩

■ଦେଢ଼ମାସ ପରେ ସିଜେଡ୍‌ଏଆଇ ରିପୋର୍ଟ

■ଆଶଙ୍କାରେ କପିଳାସ ଚିଡ଼ିଆଖାନା ମାନ୍ୟତା



କପିଳାସ ଚିଡିଆଖାନା ମୁଖ୍ୟ ଫାଟକ।

ପ୍ରଶଂସାରେ ପୋତିଲେ। ଆଶା ଦେଖାଇଲେ। କର୍ମଚାରୀଙ୍କ ସ୍ୱର ହେବାକୁ ପ୍ରତିଶ୍ରୁତି ଦେଲେ। ପ୍ରାକୃତିକ ପରିବେଶକୁ ନେଇ ଅଜାଡ଼ିଦେଲେ ସକାରାତ୍ମକ ଟିପ୍ପଣୀ। ହେଲେ ରିପୋର୍ଟରେ ଦର୍ଶାଇଲେ ଯେତକ ଅବ୍ୟବସ୍ଥା ଆଉ ସମସ୍ୟା, ଯାହା କପିଳାସ ଚିଡ଼ିଆଖାନାର ମାନ୍ୟତାକୁ ଦ୍ୱନ୍ଦ୍ୱ ମଧ୍ୟକୁ ଠେଲି ଦେଇଛି। ମୂଲ୍ୟାଙ୍କନ ପରେ କେନ୍ଦ୍ରୀୟ ଚିଡ଼ିଆଖାନା ପ୍ରାଧିକରଣ (ସିଜେଡ୍‌ଏଆଇ)ର ଅଧିକାରୀମାନେ ରିପୋର୍ଟରେ ଦର୍ଶାଇଥିବା ଏପରି ତଥ୍ୟ ଜୁ' ମାନ୍ୟତାକୁ ଛଡ଼ାଇନେବ ନା ପୂର୍ବଭଳି ଏହା ବଳବତ୍ତର ରହିବ ତାହାକୁ ନେଇ ଏବେ ସୃଷ୍ଟି ହୋଇଛି ଅନେକ ପ୍ରଶ୍ନ।

ଢେଙ୍କାନାଳ ଜିଲାର ଅନ୍ୟତମ ପର୍ଯ୍ୟଟନସ୍ଥଳୀ ତଥା ପ୍ରାଣୀ ଉଦ୍ୟାନ କପିଳାସ ଚିଡ଼ିଆଖାନାରେ ଲାଗି ରହିଥିବା ଅବ୍ୟବସ୍ଥା କାରଣରୁ ସିଜେଡ୍‌ଏଆଇ ଏହାର ମାନ୍ୟତା ପ୍ରତ୍ୟାହାର କରିବାକୁ ଇସାରା ଦେଇଥିଲେ। ନିୟମ ଅନୁଯାୟୀ ଆନୁଷଙ୍ଗିକ ଭିତ୍ତିଭୂମି ନ ସଜାଡ଼ିଲେ ଏହାର ମାନ୍ୟତା ହଟାଇ ନେବାକୁ ଚରମବାଣୀ ଶୁଣାଇଥିଲେ। ଏହାପରେ ଜୁ'ର ମୂଲ୍ୟାଙ୍କନ କରିବାକୁ ଗତ ଫେବୃୟାରୀ ୭ରେ ସିଜେଡ୍‌ଏଆଇର ଦୁଇଜଣିଆ ପ୍ରତିନିଧି ଦଳ ଚିଡ଼ିଆଖାନା ପରିଦର୍ଶନ କରି ଏହାର ମୂଲ୍ୟାଙ୍କନ କରିଥିଲେ। କମିଟିରେ ସଦସ୍ୟ ତଥା ଝାଡ଼ଖଣ୍ଡ ବନ୍ୟପ୍ରାଣୀ ବିଭାଗର ଅବସରପ୍ରାପ୍ତ ପିସିସିଏଫ୍ ପ୍ରଦୀପ କୁମାର ଏବଂ ଦିଲ୍ଲୀ ଚିଡ଼ିଆଖାନାର କ୍ୟୁରେଟର ଡ. ଏ.କେ. ମାଲହୋତ୍ରା ଗଣମାଧ୍ୟମ ଆଗରେ ଜୁ'ର ବାତାବରଣ ବନ୍ୟପ୍ରାଣୀଙ୍କ ପାଇଁ ଅନୁକୂଳ ବୋଲି କହିଥିଲେ। ଅନେକ ସମସ୍ୟା ସତ୍ତ୍ୱେ ଏହାର ସୁପରିଚାଳନା କରୁଥିବାରୁ ବନ ବିଭାଗକୁ ପ୍ରଶଂସାରେ ପୋତି ପକାଇଥିଲେ। ଏପରି କି ଡିଏଫ୍‌ଓ, ରେଞ୍ଜର, କର୍ମଚାରୀଙ୍କୁ ସେମାନଙ୍କ ସ୍ୱର ହେବୁ ବୋଲି କହିବା ସହିତ ଆବଶ୍ୟକ ପ୍ରସ୍ତାବ ଦେଲେ ତାହାକୁ ଅନୁମୋଦନ ଲାଗି ଜଣାଇବୁ ବୋଲି କହିଥିଲେ। ହେଲେ ପ୍ରାୟ ଦେଢ଼ମାସ ପରେ ସିଜେଡ୍‌ଏଆଇକୁ ଦିଆଯାଇଥିବା ରିପୋର୍ଟରେ କପିଳାସ ଚିଡ଼ିଆଖାନାରେ ବ୍ୟାପକ ଅବ୍ୟବସ୍ଥା ରହିଥିବା ଦର୍ଶାଯାଇଛି। ମୂଲ୍ୟାଙ୍କନ ସମ୍ପର୍କିତ ରିପୋର୍ଟରେ ଚିଡ଼ିଆଖାନା ଟଏଲେଟ୍ ଅପରିଷ୍କାର, ବନ୍ୟପ୍ରାଣୀ ରହୁଥିବା କେଜ୍ ମଧ୍ୟ ଅସୁରକ୍ଷିତ, ପ୍ରାଣୀ ଚିକିତ୍ସକ ନ ଥିବା ଆଦି ଉଲ୍ଲେଖ କରାଯାଇଛି। ସେହିପରି ଚିଡ଼ିଆଖାନାକୁ ଭାଙ୍ଗି ପୁଣିଥରେ ଗାଇଡ୍ ଲାଇନ୍ ଅନୁଯାୟୀ ନୂତନ ଭାବେ ପ୍ରସ୍ତୁତ କରିବା ପାଇଁ ରିପୋର୍ଟରେ ପରାମର୍ଶ ଦିଆଯାଇଛି, ଯାହା ଜୁ' ମାନ୍ୟତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ବିମଳ ପ୍ରସନ୍ନ ଆଚାର୍ଯ୍ୟଙ୍କ ଦୃଷ୍ଟି ଆକର୍ଷଣ କରାଯିବାରେ ସେ କୁହନ୍ତି, ଚିଡ଼ିଆଖାନାରେ ବହୁ ଅବ୍ୟବସ୍ଥା ରହିଛି ବୋଲି ରିପୋର୍ଟରେ ଦର୍ଶାଯାଇଛି। ଚିଡ଼ିଆଖାନାକୁ ଭାଙ୍ଗି ପୁଣିଥରେ କରିବା ପାଇଁ ପରାମର୍ଶ ଦିଆଯାଇଛି। ରିପୋର୍ଟ ସମ୍ପର୍କରେ ଆଲୋଚନା ପର୍ଯ୍ୟାଲୋଚନା ପରେ ମାନ୍ୟତା ସମ୍ପର୍କରେ ଜଣାପଡ଼ିବ ବୋଲି ସେ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ୨୬.୭୪ ହେକ୍ଟର ଜମିରେ ପରିବ୍ୟାପ୍ତ କପିଳାସ ଚିଡ଼ିଆଖାନାରେ ଏବେ ୨୪୭ ପ୍ରଜାତିର ବନ୍ୟପ୍ରାଣୀ ରହିଛନ୍ତି। ୧୯୭୯ ଜାନୁୟାରୀ ୨୬ରେ ଏଠାରେ ପ୍ରଥମେ ଆରମ୍ଭ ହୋଇଥିଲା ଡିୟର ପାର୍କ। ଏହାପରେ ୧୯୮୬ ଏପ୍ରିଲ ୧ରେ ଏହାକୁ ମିନି ଜୁ' ଏବଂ ସିଜେଡ୍‌ଏଆଇର ଅନୁମୋଦନ ପରେ ୧୯୯୫ ଏପ୍ରିଲ ୧ରେ ଚିଡ଼ିଆଖାନାର ମାନ୍ୟତା ମିଳିଥିଲା। ତେବେ ୨୦୧୯ ଫେବୃୟାରୀ ୨୯ରେ ଏହାର ମାନ୍ୟତା ଅବଧି ଶେଷ ହୋଇଥିଲା। ଅନ୍ୟପଟେ ଗାଇଡ୍ ଲାଇନ ପାଳନ କରାଯାଉ ନ ଥିବାରୁ ସିଜେଡ୍‌ଏଆଇ ୨୦୧୯ ନଭେମ୍ବରରେ ମାନ୍ୟତା ପ୍ରତ୍ୟାହାର କରିବା ନେଇ ଜିଲା ବନଖଣ୍ଡ କାର୍ଯ୍ୟାଳୟକୁ ପତ୍ର ମାଧ୍ୟମରେ ଜଣାଇଥିଲେ। ଅପରପକ୍ଷେ ଏହି ଚିଡ଼ିଆଖାନାକୁ ୨୦୧୮-୧୯ ବର୍ଷରେ ୧ଲକ୍ଷ ୨୦ହଜାର ୮୮୧ ପର୍ଯ୍ୟଟକ ଆସିଥିବାବେଳେ ୬ଲକ୍ଷ ୫୧ ହଜାର ୯୯୫ଟଙ୍କା ରାଜସ୍ୱ ଆଦାୟ ହୋଇଛି। ବର୍ଷକୁ ବର୍ଷ ପର୍ଯ୍ୟଟକଙ୍କ ସଂଖ୍ୟା ବଢୁଛି। ଏସବୁ ସତ୍ତ୍ୱେ ଚିଡ଼ିଆଖାନାର ମାନ୍ୟତାକୁ ନେଇ ସୃଷ୍ଟି ହୋଇଥିବା ଦ୍ୱନ୍ଦ୍ୱ ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି।


କପିଳାସ ଜୁ' ପରିସରରେ ଥିବା ଫାଉଣ୍ଟେନ୍।



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ